ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.205 Bhubaneswar Friday September 23 2022 ୨୫ତମ ବର୍ଷ ସଂଖ୍ୟା-୨୦୫ ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

୩୩ଟି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ, ଚୁକ୍ତିଭିତ୍ତିକ କର୍ମଚାରୀ ନିରାଶ

ଭୁବନେଶ୍ୱର, ୨୨।୯(ପି.ଏନ): ରାଜ୍ୟ କ୍ୟାବିନେଟ ଆଜି ୩୩ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ତେବେ ସରକାରୀ ଚାକିରିରେ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଉଚ୍ଛେଦ ପାଇଁ ଦୀର୍ଘଦିନ ଧରି ଦାବି କରି ଆସୁଥିବା ଓଡିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିରାଶ ହେବାକୁ ପଡିଛି । ରାଜ୍ୟ ସରକାର ୧୫ଦିନ ମଧ୍ୟରେ ସେମାନଙ୍କର ଦାବି ଉପରେ ବିଚାର କରିବେ ବୋଲି ଗତ ୧୨ତାରିଖରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି କ୍ୟାବିନେଟ ବୈଠକରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମସ୍ୟା ପ୍ରସଙ୍ଗରେ କୌଣସି ପ୍ରସ୍ତାବ ଆସି ନାହିଁ କିମ୍ବା ସରକାର ଏଥିପ୍ରତି ସାମାନ୍ୟତମ ଧ୍ୟାନ ଦେଇନଥିବା ଜଣାପଡିଛି ।ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭର୍‌ଚୁଆଲ ମୋଡରେ ଆୟୋଜିତ ୨୬ ମିନିଟର କ୍ୟାବିନେଟ ବୈଠକରେ ମୋଟ ୩୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ବିଭିନ୍ନ ଜିଲ୍ଲାରେ ମୋଟ ୪୦ଟି ଉଠା ଜଳସେଚନ ପ୍ରକଳ୍ପ ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି । କେନ୍ଦୁଝର ଜିଲ୍ଲାରେ ୧୪ଟି ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟ ପାଇଁ ୫୧୧କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି । ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ଜିଲ୍ଲାର ୧୭ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବା ସହ ଜିଲ୍ଲାରେ ପାନୀୟ ଜଳ ଯୋଗାଣ ମଧ୍ୟ ସମ୍ଭବପର ହେବ ।ସେହିପରି କଟକ ଓ ଅନୁଗୋଳ ଜିଲ୍ଲାରେ ୪୩୧କୋଟି ଟଙ୍କାର ୯ଟି ମେଗା ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ୧୪୩୩୦ ହେକ୍ଟର ଜମିକୁ ଜଳସେଚନ ସୁବିଧା, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାରେ ୩୬୬କୋଟି ଟଙ୍କାର ୯ଟି ମେଗା ଉଠାଜଳସେଚନ ପ୍ରକଳ୍ପରେ ୧୨୯୧୪ ହେକ୍ଟର ଜମିକୁ ଜଳସେଚନ, ପାର୍ବତୀଗିରି ଉଠା ଜଳସେଚନ ପ୍ରକଳ୍ପର ୧୮ନମ୍ବର କ୍ଲଷ୍ଟର ଅନ୍ତର୍ଗତ କଳାହାଣ୍ଡି, ବଲାଙ୍ଗିର, ବରଗଡ ଓ ଗଜପତି ଜିଲ୍ଲାରେ ୧୩୫୪୭ ହେକ୍ଟର ଜମିକୁ ଜଳସେଚନ ସୁବିଧା ନିମନ୍ତେ ୪୩୦କୋଟି ଟଙ୍କା ବ୍ୟୟରେ ଉଠାଜଳସେଚନ ପ୍ରକଳ୍ପ ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି । ବଲାଙ୍ଗିର ଲୋଏର ସୁକତେଲ ବାମ କେନାଲରେ ଅଣ୍ଡରଗ୍ରାଉଣ୍ଡ ପାଇପ୍ ମାଧ୍ୟମରେ ୧୩ହଜାର ହେକ୍ଟର ଜମିକୁ ଜଳସେଚନ ନିମନ୍ତେ ୬୩୪କୋଟି ଟଙ୍କାର ଟେଣ୍ଡରକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ମିଳିଛି । ଏହାସହିତ ଯାଜପୁର ଜିଲ୍ଲାର କୋଚ୍‌ଳୀ ନଦୀ ଓ ବୈତରଣୀ ନଦୀରେ ୨ଟି ବ୍ୟାରେଜ୍ ନିର୍ମାଣ ପାଇଁ ୨୦୦କୋଟି ଟଙ୍କାର ଟେଣ୍ଡରକୁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି । ଏହାଫଳରେ ଧାମନଗର ଓ ଦଶରଥପୁର ବ୍ଲକରେ ବନ୍ୟା ସମସ୍ୟା ଓ ଜଳ ସମସ୍ୟା ଦୂର କରାଯାଇପାରିବ ।ସୋନପୁର-ବିନିକା-ରାମପୁର-ଡୁଙ୍ଗୁରିପାଲି ରାସ୍ତାର ସମ୍ପ୍ରସାରଣ ଓ ଉନ୍ନତିକରଣ ନିମନ୍ତେ ୮୭କୋଟି ଟଙ୍କାର ଟେଣ୍ଡର ଆଶୀର୍ବାଦ କନଷ୍ଟ୍ରକସନକୁ ପ୍ରଦାନ ନିମନ୍ତେ କ୍ୟାବିନେଟ ମଞ୍ଜୁରୀ ମିଳିଛି । ଓଡିଶା ଲୋକସେବା ଆୟୋଗର ସଦସ୍ୟ ଭାବେ ସରିତା ସୁପକାର ଓ ସନତ କୁମାର ମହାନ୍ତିଙ୍କ ନିଯୁକ୍ତିକୁ ପିଛିଲା ଭାବେ କ୍ୟାବିନେଟ ଅନୁମୋଦନ କରିଛନ୍ତି ।ଏହାସହିତ ଓଡିଶା ସମବାୟ ସେବା କ୍ୟାଡର, ଓଡିଶା ପର୍ଯ୍ୟଟନ ସେବା କ୍ୟାଡରର ପୁର୍ନଗଠନ, ନୂତନ ଭାବେ ଓଡିଶା ସମବାୟ ଅଡିଟ୍ ସର୍ଭିସ କ୍ୟାଡର ସୃଷ୍ଟି, ଜିଲ୍ଲା ପୁଲିସ ମିନିଷ୍ଟ୍ରିଆଲ ସର୍ଭିସ ରୁଲସର ସଂଶୋଧନ, ଓଡିଶା ପ୍ରଶାସନିକ ସେବା ନିଯୁକ୍ତି ରୁଲରେ ସଂଶୋଧନ, ଓଡିଶା ଲିଗାଲ ମେଟ୍ରୋଲୋଜି ସର୍ଭିସ ରୁଲସ, ଓଡିଶା କୁଡିସିଆଲ ସେବା ରୁଲସ, ଓଡିଶା ଜିଲ୍ଲା ଓ ସବଅର୍ଡିନେଟ କୋର୍ଟ ନନଜୁଡିସିଆଲ ଷ୍ଟାଫ ସର୍ଭିସ ଓ ଗ୍ରୁପ୍ ଡି କର୍ମଚାରୀ ରୁଲ୍ ଆଦିରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି ।ସୂଚନାଯୋଗ୍ୟ, ଆଜି ରାଜ୍ୟ କ୍ୟାବିନେଟ ବୈଠକରେ ଓଡିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦାବି ସଂକ୍ରାନ୍ତ ଉପରେ ବିଚାରବିମର୍ଶ ହେବ ବୋଲି ୭୦ହଜାରୁ ଊର୍ଦ୍ଧ୍ୱ ଚୁକ୍ତିଭିତ୍ତିକ କର୍ମଚାରୀ ଆଶା କରିଥିଲେ । ମାତ୍ର ସେମାନଙ୍କୁ ନିରାଶ ହେବାକୁ ପଡିଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେମାନଙ୍କ ସହ ସେପ୍‌ଟେମ୍ବର ୧୨ତାରିଖରେ ହୋଇଥିବା ଆଲୋଚନାରେ ମିଳିଥିବା ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଥିବା ଚର୍ଚ୍ଚା ।

ୟୁକ୍ରେନ ଯୁଦ୍ଧକୁ ନେଇ ଜାତିସଂଘରେ ବଡ ବୟାନ ଦେଲା ଭାରତ

ମିଳିତ ଜାତିସଂଘ, ୨୨।୯(ପି.ଏନ): ଦୀର୍ଘ ୭ ମାସ ହେଲା ରୁଷ-ୟୁକ୍ରେନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧକୁ ନେଇ ଜାତିସଂଘରେ ଆଜି ବଡ ବୟାନ ଦେଇଛି ଭାରତ । ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ଅତ୍ୟନ୍ତ ଗମ୍ଭୀର ଚିନ୍ତାର ବିଷୟ । ତୁରନ୍ତ ଯୁଦ୍ଧ ବନ୍ଦ ହେବା ଦରକାର ବୋଲି ଭାରତ ବେଶ ଦୃ ?ତାର ସହ ଜାତିସଂଘରେ କହିଛି ।ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ? ଜୟଶଙ୍କର କହିଛନ୍ତି, ୟୁକ୍ରେନରେ ଦେଖାଯାଇଥିବା ଭୟଙ୍କର ପରିସ୍ଥିତି ପୂରା ଅନ୍ତର୍ଜାତୀୟ ସମୂହ ପାଇଁ ଅତ୍ୟନ୍ତ ଗମ୍ଭୀର ଚିନ୍ତାର ବିଷୟ । ସାମ୍ନାକୁ ଆସୁଥିବା ଏହାର ପରିମାଣ ଅତ୍ୟନ୍ତ ବିଚଳିତ କରୁଛି । ଭାରତ ବେଶ ଦୃଢ଼ାତର ସହ ସମସ୍ତ ପ୍ରକାରର ବିବାଦୀୟ ପରିସ୍ଥିତି ଓ ଘଟଣା ଉପରେ ତୁରନ୍ତ ରୋକ ଲଗାଇବାକୁ ଦାବି କରୁଛି ।ଏଥିସହ ବିବାଦର ସମାଧାନ ପାଇଁ କୂଟନୀତିକ ଆଲୋଚନାକୁ ଫେରିବା ଉଚିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସ୍ପଷ୍ଟ ଭାବେ ଏହା ଉପରେ ଗୁରୁତ୍ୱ ଦେଇଥିଲେ । ଏହା ଯୁଦ୍ଧ କରିବାର ଯୁଗ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ବିବାଦୀୟ ପରିସ୍ଥିତିରେ ମାନବାଧିକାର ଉଲ୍ଲଙ୍ଘନ ଓ ଅନ୍ତର୍ଜାତୀୟ ଆଇନର ଉଲ୍ଲଙ୍ଘନକୁ ଯଥାର୍ଥ ବୋଲି ଦର୍ଶାଯାଇ ପାରିବ ନାହିଁ । ଯେଉଁଠି ବି ଏପରି ଘଟଣା ଘଟୁଛି, ସେଠାରେ ତୁରନ୍ତ ନିରପେକ୍ଷ ଓ ସ୍ୱତନ୍ତ୍ର ତଦନ୍ତ ହେବା ଅତ୍ୟନ୍ତ ଜରୁରୀ ।ଯୁଦ୍ଧର ପ୍ରଭାବ କେବଳ ପଡଶୀ ଦେଶରେ ପଡ ? ନାହିଁ । ଏହା ପୂରା ବିଶ୍ୱକୁ ପ୍ରଭାବିତ କରିଥାଏ । ଆମେ ଯୁଦ୍ଧ ଯୋଗୁ ବିଭିନ୍ନ ସମାଗ୍ରୀର ଦରମଦାମ ବୃଦ୍ଧି ଜନିତ ସମସ୍ୟାର ସମ୍ମୁଖୀନ ହେଉଛେ । ଖାଦ୍ୟଶସ୍ୟ, ସାର, ଓ ତୈଳର ଅଭାବକୁ ଅନୁଭବ କରୁଛେ । ଆଗକୁ ସ୍ଥିତି କ'ଣ ହେବେ, ସେକଥା ମଧ୍ୟ ସମସ୍ତଙ୍କୁ ଚିନ୍ତା କରିବା ପଡିବ ବୋଲି ସେ କହିଛନ୍ତି ।

ରାଜ୍ୟରେ ନୂଆ ୨୫୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨।୯(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୫୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୨୫୩୩ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୫୨ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୮ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୧୦୪ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୪୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୬୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୧୮୫୭ ରେ ପହଂଚିଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୪୩୭ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୨୫୨ ସଂକ୍ରମିତଙ୍କ ମଧ୍ୟରୁ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୬, ବରଗଡ଼ ଜିଲ୍ଲାରେ ୪, ଭଦ୍ରକ ଜିଲ୍ଲାରେ ୧, ବଲାଙ୍ଗିର ଜିଲ୍ଲାରେ ୫, ବୌଦ୍ଧ ଜିଲ୍ଲାରେ ୪, କଟକ ଜିଲ୍ଲାରେ ୧୬, ଦେବଗଡ଼ ଜିଲ୍ଲାରେ ୨, ଢ଼େଙ୍କାନାଳ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୨, ଗଞ୍ଜାମ ଜିଲ୍ଲାରେ ୬, ଜଗତସିଂହପୁର ଜିଲ୍ଲାରେ ୧, ଯାଜପୁର ଜିଲ୍ଲାରେ ୫, ଝାରସୁଗୁଡ଼ା ୧, କଳାହାଣ୍ଡି ଜିଲ୍ଲାରେ ୮, କେନ୍ଦ୍ରାପଡ଼ା ଜିଲ୍ଲାରେ ୫, କେନ୍ଦୁଝର ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨, ମାଲକାନଗିରି ଜିଲ୍ଲାରେ ୧, ମୟୁରଭଞ୍ଜ ଜିଲ୍ଲାରେ ୧୧, ନବରଙ୍ଗପୁର ଜିଲ୍ଲାରେ ୮, ନୟାଗଡ ଜିଲ୍ଲାରେ ୧୩, ନୂଆପଡ଼ା ଜିଲ୍ଲାରେ ୪, ପୁରୀ ଜିଲ୍ଲାରେ ୧୩, ରାୟଗଡ଼ା ଜିଲ୍ଲାରେ ୫, ସମ୍ବଲପୁର ଜିଲ୍ଲାରେ ୧୦, ସୋନପୁର ଜିଲ୍ଲାରେ ୮, ସୁନ୍ଦରଗଡ ଜିଲ୍ଲାରେ ୪୦ ଓ ଷ୍ଟେଟ ପୁଲରେ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ଆଜିଠୁ ରାଜ୍ୟରେ ଲଘୁଚାପର ପ୍ରଭାବ କମିବ

ଭୁବନେଶ୍ୱର, ୨୨।୯(ପି.ଏନ): ଆଜିଠୁ ରାଜ୍ୟରେ ଲଘୁଚାପର ପ୍ରଭାବ କମିବ । ବର୍ଷାର ପରିମାଣ ଏବଂ ବିସ୍ତୃତି ମଧ୍ୟ ହ୍ରାସ ପାଇବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର । ସେହିପରି ଏଯାବତ୍ ମୌସୁମୀ ଋତୁରେ ୧୧୫୩.୩ ମି.ମି. ବର୍ଷା ରେକର୍ଡ ହୋଇଛି । ଯାହା ସ୍ୱାଭାବିକ୍ ବର୍ଷା ୧୦୯୯.୯ ମି.ମି. ତୁଳନାରେ ୫% ଅଧିକ ରହିଛି । ଏଯାବତ ରାଜ୍ୟରେ ୫ ଜିଲ୍ଲାରେ ସ୍ୱାଭାବିକ୍ ଠାରୁ ଅଧିକ ଏବଂ ୨୫ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି ।

ବିଧାୟକଙ୍କ କ୍ୱାର୍ଟର ପାଇଁ ଖର୍ଚ୍ଚ ହେବ ୫୧୦ କୋଟି ଟଙ୍କା

ଭୁବନେଶ୍ୱର, ୨୨।୯(ପି.ଏନ): ଓଡିଶାର ବିଧାୟକମାନେ ରହିବା ଲାଗି କ୍ୱାର୍ଟର ନିର୍ମାଣ ପାଇଁ ୫୧୦ କୋଟି ଟଙ୍କା ଖର୍ଚ୍ଚ ହେବ । ଯାହାକୁ ଆଜି କ୍ୟାବିନେଟ ଅନୁମୋଦନ ମିଳିଛି । ଏଥିରେ ୧୯୫ଟି ଟାଇପ-୬ ଓ ୧୦୫ଟି ଟାଇପ-୭ ସରକାରୀ କ୍ୱାର୍ଟର ନିର୍ମାଣ କରାଯିବ । ଏହି କାର୍ଯ୍ୟ ଅଢେଇ ବର୍ଷ ମଧ୍ୟରେ ଶେଷ ହେବ ।

ବୈତରଣୀ ନଦୀ ଓ ମୃଗା ନାଳ ପାଣିକୁ ପ୍ରଦୂଷିତ କରୁଛି ଜିନ୍ଦଲ କମ୍ପାନୀ

ଭୁବନେଶ୍ୱର, ୨୨।୯(ପି.ଏନ): ନଦୀର ସୁରକ୍ଷା ଓ ପ୍ରଦୂଷିତ ମୁକ୍ତ କରିବା ଲାଗି ବିଜେପିର ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ)ର ରାଜ୍ୟ ସଭାପତି ମହେଶ୍ୱର ସାହୁ ଗୁରୁବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି । କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ବିଲେଇପଦାଠାରେ ଅବସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପ୍ଲାଂଟ ଲିମିଟେଡ କାରଖାନାରୁ ନିର୍ଗତ କେମିକାଲ ମିଶା ମଇଳା ପାଣିକୁ କମ୍ପାନୀ ସିଧାସଳଖ ଭାବରେ ମୃଗା ନାଳରେ ଛାଡିଥିବାରୁ ବୈତରଣୀ ନଦୀର ଜଳ ସମ୍ପୂର୍ଣ୍ଣ ବିଷାକ୍ତ ଓ ପ୍ରଦୂଷିତ ହୋଇଯାଇଛି । ମୃଗା ନାଳ ଏବଂ ବୈତରଣୀ ନଦୀର ପାଣିକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ନାନାଦି ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି । ନଦୀଜଳ ପ୍ରଦୂଷଣ କାରଣରୁ ବୈତରଣୀ ନଦୀ ଓ ମୃଗା ନାଳର ଜଳଚର ଜୀବମାନେ ମରି ଯାଉଛନ୍ତି । ନଦୀ ଜଳକୁ ପାନୀୟ ଜଳ ଭାବରେ ବ୍ୟବହାର କରୁଥିବା ପଶୁ ପକ୍ଷୀମାନେ ନାନାଦି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି । ଆହୁରି ମଧ୍ୟ କାରଖାନାର ଏହି ବିଷାକ୍ତ ପାଣିରେ ପାଖ ଆଖ ଅଂଚଳର ଚାଷ ଜମିରେ ଫସଲ ମରି ଯାଉଛି ବୋଲି ଶ୍ରୀ ସାହୁ କହିଛନ୍ତି ।ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ କାରଖାନାର ଚତୁପାର୍ଶ୍ୱରେ ବୃକ୍ଷ ରୋପଣ କରିବା କଥା କିନ୍ତୁ ବୃକ୍ଷରୋପଣ କରି ନଥିବାରୁ ବାୟୁମଣ୍ଡଳ ଅତ୍ୟଧିକ ମାତ୍ରାରେ ପ୍ରଦୂଷିତ ହେଉଛି । ନଦୀ ପ୍ରଦୂଷଣ ସମସ୍ୟାର ସମାଧାନ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ କାରଖାନା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ସାହୁ ନିବେଦନ କରିଛନ୍ତି ।ରାଜ୍ୟର ବିଭିନ୍ନ ନଦୀରେ ହେଉଥିବା ପ୍ରଦୂଷଣ ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ । ରାଜ୍ୟ ସରକାର ବିହୀତ ପଦକ୍ଷେପ ଗ୍ରହଣ ନକରିଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବା ସହିତ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନିଆଯିବ ବୋଲି ଶ୍ରୀ ସାହୁ କହିଛନ୍ତି । ଏହି ଅବସରରେ ଉପଦେଷ୍ଟା ଯୁଧିଷ୍ଠର ମହାରଣା, ରାଜ୍ୟ ସହସଂଯୋଜକ ଶୁଭ୍ରାଂଶୁ ମୋହନ ପାଢ଼ୀ, ଅଶୋକ କୁମାର ରଥ, ରାଜ୍ୟ କମିଟି ସଦସ୍ୟ ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଯୁକ୍ତ ଦୁଇ ପାଠପଢ଼ା ଆରମ୍ଭ ; ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ

ଭୁବନେଶ୍ୱର, ୨୨।୯(ପି.ଏନ): ରାଜ୍ୟରେ ଆଜି ଠାରୁ ଯୁକ୍ତ ଦୁଇ ପାଠପଢ଼ା ଆରମ୍ଭ ହୋଇଛି । ସ୍କୁଲ ଛାଡି ପ୍ରଥମ ଥର ପାଇଁ କଲେଜ ଯାଉଥିବାରୁ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଉତ୍ସାହ ଥିବା ଦେଖିବାକୁ ମିଳିଥିଲା । ତେବେ ପ୍ରଥମ ଦିନରେ ବିଧିବଦ୍ଧ ପାଠପଢା ଆରମ୍ଭ ହୋଇନାହିଁ । ପ୍ରଥମ ଦିନରେ ପିଲାମାନେ କ୍ୟାମ୍ପସ୍ ବୁଲି ଦେଖିଛନ୍ତି । ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ ବର୍ଷ ପିଲାଙ୍କ ପାଇଁ ୨୪ ତାରିଖ ପର୍ଯ୍ୟନ୍ତ ଇଣ୍ଟକ୍ସନ୍ କ୍ଲାସର ବ୍ୟବସ୍ଥା କରାଯାଇଛି । ଏହା ମାଧ୍ୟମରେ କଲେଜ ଅଧ୍ୟକ୍ଷ କିମ୍ବା ବରିଷ୍ଠ ଅଧ୍ୟାପକ ସ୍ୱାଗତ ଭାଷଣ ସହ କ୍ଲାସରେ କଲେଜର ବିସ୍ତୃତ ବିବରଣୀ ଉପସ୍ଥାପନ କରିବେ । ବିଷୟଭିତିକ ଅଧ୍ୟାପକମାନେ ନିଜ ସମ୍ପର୍କରେ ପିଲାମାନଙ୍କୁ ଜଣାଇବେ । ସିଲାବସ୍ ରେ କେଉଁ ସବୁ ବିଷୟରେ ଉଲ୍ଲେଖ ରହିଛି ସେବିଷୟରେ ଛାତ୍ରଛାତ୍ରୀଙ୍କୁ ଜଣାଇବା ସହ ପରୀକ୍ଷା ପ୍ରଣାଳୀ ଓ ପ୍ରଶ୍ନପତ୍ର ଢାଂଚା ସମ୍ପର୍କରେ ଅବଗତ କରାଯିବ । ଟାଇମ୍ ଟେବୁଲ୍ ବଂଟନ ସହ ରାଗିଂ ରୋକିବା, କଲେଜର ବିଭିନ୍ନ ନିୟମ କାନୁନ୍ ସମ୍ପର୍କରେ କଲେଜ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯିବ । ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏ ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ ରାଜ୍ୟର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଢ଼େ ୩ ଲକ୍ଷ ପିଲା ନାମ ଲେଖାଇ ସାରିଛନ୍ତି ।

ବିଶ୍ୱକପ୍ ହକି: ଭିତ୍ତିଭୂମି ନିର୍ମାଣ ଖର୍ଚ୍ଚ ବର୍ଷକରେ ୨ଗୁଣ ବଢ଼ି ୮୭୬ କୋଟିକୁ ଛୁଇଁଲା

ଭୁବନେଶ୍ୱର, ୨୨।୯(ପି.ଏନ): ୨୦୨୩ ବିଶ୍ୱକପ୍ ହକି ନିମନ୍ତେ କ୍ରୀଡା ଭିତ୍ତିଭୂମି ନିର୍ମାଣ ବଜେଟ ବର୍ଷକ ମଧ୍ୟରେ ୨ଗୁଣ ବୃଦ୍ଧି ପାଇଛି । କଳିଙ୍ଗ ଷ୍ଟାଡିୟମରେ କ୍ରୀଡା ଭିତ୍ତିଭୂମି ସୁବିଧା ନିର୍ମାଣ ଓ ବିଶ୍ୱକପ୍ ହକି ପାଇଁ ରାଉରକେଲାଠାରେ ଆନ୍ତର୍ଜାତିକ ହକି ଷ୍ଟାଡିୟମ ନିର୍ମାଣକୁ ଅଧିକ ଉନ୍ନତମାନର କରିବା ନିମନ୍ତେ ରାଜ୍ୟ ସରକାର ୨୦୨୧ ମେ'ମାସରେ ଧାର୍ଯ୍ୟ କରିଥିବା ୪୩୨.୪୫ କୋଟି ଟଙ୍କାର ବ୍ୟୟବରାଦକୁ ଅଢ଼ାନକ ୮୭୫.୭୮କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି । ରାଜ୍ୟ କ୍ୟାବିନେଟ୍ ଏହି ମାତ୍ରାଧିକ ବ୍ୟୟବରାଦକୁ ମଧ୍ୟ ଆଜି ଅନୁମୋଦନ କରିଛନ୍ତି । ତେବେ ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ ବଜେଟ ପରିମାଣ ଅଢ଼ାନକ ବର୍ଷକ ମଧ୍ୟରେ ଦ୍ୱିଗୁଣରୁ ଅଧିକ ବୃଦ୍ଧି ପାଇବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ 'ରାଜ୍ୟସ୍ତରୀୟ କ୍ରୀଡା ଭିତ୍ତିଭୂମି ବିକାଶ ପ୍ରକଳ୍ପ' ପାଇଁ ସଂଶୋଧିତ ମୂଲ୍ୟକୁ ମଞ୍ଜୁରୀ ମିଳିଛି । ଏଥିରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ହକି ଷ୍ଟାଡିୟମର ଭିତ୍ତିଭୂମି ବିକାଶ ପାଇଁ ପ୍ରସ୍ତାବ ରହିଛି । ପୂର୍ବରୁ ଏହି ଭିତ୍ତିଭୂମି ବିକାଶ

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ପୁରାଣ କାହାଣୀ

ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ଦ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

ଚା'ପତି ବଦଳରେ କୀଟନାଶକ, ୨ମୃତ

ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ ହେବାର ବେଳ

•••••••••ଶରତ କୁମାର ରାଉତ•••••••••

ଆମ ଦେଶରେ ଜନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅବସ୍ଥା ଅତି ଖରାପ ରହିଛି। ଏପରିକି ଅବସ୍ଥା ଦିନକୁ ଦିନ ଖରାପ ହୋଇ ଚାଲିଛି। ଜଣାପଡ଼ିଛି ଯେ, ୨୦୪୬ ଲୋକସଂଖ୍ୟାରେ ହସ୍ପିଟାଲରେ କେବଳ ଗୋଟିଏ ବେଡ୍ ମିଳିପାରୁଛି। ସେହିପରି ୯୦,୩୪୩ ଲୋକ ସଂଖ୍ୟାରେ ମାତ୍ର ଗୋଟିଏ ହସ୍ପିଟାଲ ଉପଲବ୍ଧ ହୋଇଥାଏ। ସେହିପରି ଦେଶର ୧୦ ଲକ୍ଷ ଡ଼ାକ୍ତରରେ ମାତ୍ର ୧୦ ଶତକଡ଼ା ସରକାରୀ ସ୍ୱାସ୍ଥ୍ୟସେବାରେ ଅଛନ୍ତି। ଆମ ହସ୍ପିଟାଲ ଗୁଡ଼ିକର ଅବସ୍ଥା କେତେ ଯେ, ଖରାପ, ତାହା ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ। ବାସ୍ତବତା ହେଲା, ଆମ ସରକାରୀ ଡ଼ାକ୍ତରଖାନାରେ ମଜଭୁତ ଭିତ୍ତିଭୂମି, ଉପଯୁକ୍ତ ପରିଚାଳନା, ଆବଶ୍ୟକ ଦକ୍ଷ କର୍ମଚାରୀ ଓ ସଫା ସୁତୁରାରେ ବହୁ ପଛରେ ରହିଛି।

ଆମ ଦେଶର ଲୋକସଂଖ୍ୟାର ୨୨.୪ ଶତକଡ଼ା ଏବେ ବି ଗରୀବୀ ରେଖା ତଳେ ରହିଛନ୍ତି, ଯେଉଁମାନେ ସ୍ୱାସ୍ଥ୍ୟସେବା ପାଇଁ ସଂପୂର୍ଣ୍ଣ ଭାବେରେ ସରକାରଙ୍କ ଉପରେ ନିର୍ଭରଶୀଳ। ମାତ୍ର ସେମାନେ ସରକାରୀ ହସ୍ପିଟାଲରେ ଘୋର ଅବ୍ୟବସ୍ଥା ମଧ୍ୟରେ ରହୁଛନ୍ତି। ରୋଗୀ ମାନଙ୍କର ଉପଯୁକ୍ତ ଚିକିତ୍ସା ଓ ସେବା ପାଇଁ କାହାର ଦୃଷ୍ଟି ପଡୁନାହିଁ।

୨୦୧୭-୧୮ରେ ଭାରତ ନିଜ ଜିଡ଼ିପିର ୧.୨୮ ଶତକଡ଼ା ଖର୍ଚ୍ଚ କରିଥିବା ବେଳେ ୨୦୧୬-୧୭ରେ ୧.୦୨ ଶତକଡ଼ା ଥିଲା। ତେବେ ଅନ୍ୟାନ୍ୟ ଦେଶ ତୁଳନାରେ ଆମେ ସ୍ୱାସ୍ଥ୍ୟସେବା ବାବଦରେ ବହୁ କମ୍ ଖର୍ଚ୍ଚ କରୁଛେ। ଆମେରିକା ତା'ର ଜିଡ଼ିପିର ୧୮ଶତକଡ଼ା ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଛି, ଯାହା ବାର୍ଷିକ ମୁଣ୍ଡପିଛା ୧୦,୦୦୦ ଡ଼ଲାର ଅଟେ।

ଭାରତର ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ ବ୍ରିକ୍ସ ଦେଶ ମାନଙ୍କଠାରୁ ମଧ୍ୟ କମ୍ ରହିଛି। ତେବେ ଭାରତର ବର୍ତମାନ ସରକାର ପ୍ରତିଶ୍ରୁତି ଦେଇଛନ୍ତି ଯେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ୨୦୨୫ ମଧ୍ୟରେ ଦେଶର ଜିଡ଼ିପିର ୨.୫ ପ୍ରତିଶତ ଖର୍ଚ୍ଚ କରାଯିବ। ମାତ୍ର ଏହା ମଧ୍ୟ ଅଧିକ କିଛି ନୁହେଁ।

୨୦୧୩-୧୪ରେ କରାଯାଇଥିବା ସର୍ଭେ (ଏନ୍.ଏସ୍.ଏସ୍.ଓ) ଅନୁଯାୟୀ ଭାରତରେ ୩୬ ମିଲିୟନ ପରିବାର ସବୁଠୁ ମାରାତ୍ମକ ରୋଗ ପାଇଁ ଖର୍ଚ୍ଚ କରନ୍ତି। ଏମାନଙ୍କ ମଧ୍ୟରେ ୨୫ ମିଲିୟନ ପରିବାର ଗ୍ରାମାଂଚଳର ଏବଂ ୧୧ ମିଲିୟନ ସହରାଂଚଳର। ଆମ ଆଶ୍ଚର୍ଯ୍ୟର କଥା ଯେ, ଆମ ଦେଶର ୩୯ ଶତକଡ଼ା ଗରୀବ ଲୋକଙ୍କୁ କୌଣସି ପ୍ରକାର ଡ଼ାକ୍ତରଖାନାର ସୁବିଧା ମିଳେନାହିଁ। ଏହାର ଅର୍ଥ ଆମ ଦେଶର ଏକ-ତୃତୀୟାଂଶ ଲୋକେ ସରକାରୀ ସ୍ୱାସ୍ଥ୍ୟ ସେବାରୁ ବଂଚିତ ରହୁଛନ୍ତି।

ଅବଶ୍ୟ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରାଗଲେ, ଏଭଳି ଅବସ୍ଥାକୁ ଏଡ଼ାଇ ଦିଆଯାଇ ପାରିବ। ତେବେ ମଜଭୁତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହୋଇପାରୁ ନଥିବାରୁ ଲୋକମାନଙ୍କୁ ଘରୋଇ ହସ୍ପିଟାଲର ସାହାରା ନେବାକୁ ପଡୁଛି, ଯାହା ଏତେ ମହଙ୍ଗା ଯେ, ଲୋକେ ସର୍ବସ୍ୱାନ୍ତ ହୋଇ ଯାଉଛନ୍ତି।

ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟତଃ ସରକାର ଏ ବାବଦରେ ଅଧିକ ବ୍ୟୟବରାଦ କରିବାର ଆବଶ୍ୟକତା ରହିଛି। ସରକାରୀ ସ୍ୱାସ୍ଥ୍ୟ ଭିତିମୂମିରେ ଏଭଳି ପରିବର୍ତ୍ତନ କରାଯିବା ଉଚିତ, ଯେମିତି ସ୍ୱାସ୍ଥ୍ୟସେବା ଉଚ୍ଚ ଗୁଣମାନର ହୋଇପାରିବ। ଏଥି ସହିତ ସରକାର ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଉଚିତ ଓ ମନଇଚ୍ଛା ରୋଗୀ ମାନଙ୍କୁ ଶୋଷଣ କରୁଥିବା ଘରୋଇ ଡ଼ାକ୍ତରଖାନା ଗୁଡ଼ିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏପରିକି କେଉଁ ଚିକିତ୍ସା ପାଇଁ କେତେ ଟଙ୍କା ରୋଗୀଙ୍କୁ ଦେବାକୁ ପଡ଼ିବ, ତାହା ସରକାର ନିର୍ଦ୍ଧାରଣ କରିବା ଉଚିତ। ଅନ୍ୟଥା ସଂପୃକ୍ତ ଘରୋଇ ହସ୍ପିଟାଲ୍ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ମୁଖ୍ୟତଃ ଘରୋଇ ହସ୍ପିଟାଲ୍‌ରେ ଦିଆଯାଉଥିବା ସୁବିଧା ଓ ଚିକିତ୍ସା ପାଇଁ ନିଆଯାଉଥିବା ଫିସ୍ ତୁରନ୍ତ ନିୟନ୍ତ୍ରଣ ହେବା ଉଚିତ।

କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। କୌଣସି ଦେଶ ସେ ପର୍ଯ୍ୟନ୍ତ ସମୃଦ୍ଧ ଓ ସୁଖି ହେବନାହିଁ, ଯେପର୍ଯ୍ୟନ୍ତ ନାଗରିକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନମିଳିବ। ବିଶ୍ୱର କେତେକ ଉନ୍ନତ ଦେଶରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବେଶ ଉଚ୍ଚ ମାନର। ଲଣ୍ଡନର ସାର୍ବଜନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅତି ଉନ୍ନତ। ସେଠାକାର ସରକାରୀ ଡ଼ାକ୍ତରଖାନା ୮୦ ଶତକଡ଼ାରୁ ଅଧିକ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଥାଏ। ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକାଲ୍ କର୍ମଚାରୀଙ୍କ ବେତନ ସରକାର ନିର୍ଦ୍ଧାରଣ କରିଥାନ୍ତି। ଜାପାନରେ ସେଠାକାର ସରକାର ଘରୋଇ ଡ଼ାକ୍ତରଙ୍କ ସେବା ପାଇଁ ଫିସ୍ ନିର୍ଦ୍ଧାରିତ କରିଥାନ୍ତି। ଏହାଦ୍ୱାରା ସେଠାରେ ଡ଼ାକ୍ତର ମାନେ ରୋଗୀଙ୍କ ଠାରୁ ଅଧିକ ଫିସ୍ ନେଇ ପାରନ୍ତି ନାହିଁ। ଆଉ ଏଥିରେ ଖିଲାପ କରୁଥିବା ଡ଼ାକ୍ତରଙ୍କ ଠାରୁ ବହୁ ଅଧିକ ଅର୍ଥ ଆଦାୟ କରାଯାଏ। ଫ୍ରାନ୍ସରେ ସେଠାକାର ସ୍ୱାସ୍ଥ୍ୟବ୍ୟବସ୍ଥା ଟିକେ ଭିନ୍ନ। ସେଠାରେ ପ୍ରତି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଇନ୍ସୁରାନ୍ସ କରାଯିବା ଜରୁରୀ। ଏହି ବ୍ୟବସ୍ଥା କୌଣସି ଲାଭ ପାଇଁ ନୁହେଁ ଓ ଏଥିପାଇଁ ସରକାରୀ ଟାକ୍ସରୁ ଫଣ୍ଡ ଦିଆଯାଏ। ଏହି ଇନ୍ସୁରାନ୍ସ ୭୦ରୁ ୮୦ ଶତକଡ଼ା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ହେଉଥିବା ଖର୍ଚ୍ଚକୁ ଭରଣା କରିଥାଏ ଓ ବାକି ଖର୍ଚ୍ଚ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ପୁରା କରା ଯାଇଥାଏ। ଏଥିଯୋଗୁ ଲୋକ ମାନେ ଚିକିତ୍ସା ପାଇଁ ନିଜ ପକେଟରୁ ଖର୍ଚ୍ଚ କରିବାକୁ ପଡ଼େନାହିଁ। ବାସ୍ତବରେ ୯୫ ଭାଗ ଲୋକେ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ହାସଲ କରନ୍ତି। ସେଠାରେ ସରକାର ଔଷଧ ଓ ଅନ୍ୟ ମେଡ଼ିକାଲ ଖର୍ଚ୍ଚ ର ମୂଲ୍ୟ ନିର୍ଦ୍ଧାରିତ କରନ୍ତି।

ଏଥିପାଇଁ ସରକାର ନିଜ ଜିଡ଼ିପୀ ର ୧୧.୮ ପ୍ରତିଶତ ଖର୍ଚ୍ଚ କରିଥାନ୍ତି।

ସେହିପରି ସୁଇଜରଲାଣ୍ଡରେ ଉନ୍ନତ ସ୍ୱାସ୍ଥ୍ୟବ୍ୟବସ୍ଥା ଦେଖିବାକୁ ମିଳେ। ଏପରିକି ସେଠାରେ ଆମେରିକା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭଳି ଲାଗେ। ସେଠାରେ ପ୍ରାଇଭେଟ କଂପାନୀ ମାନେ ଇନ୍ସୁରାନ୍ସ ଯୋଗାଇ ଦିଅନ୍ତି, ଯାହାକୁ ନେବା ସମସ୍ତଙ୍କ ପାଇଁ ଅନିବାର୍ଯ୍ୟ ଅଟେ। ତେବେ ଏହା ଲାଭ ସହ ଆଦୌ ସଂପୃକ୍ତ ନୁହେଁ। କିନ୍ତୁ କେତେକ ଜରୁରୀ ସେବା ଓ ହସ୍ପିଟାଲ ପାଇଁ କଂପାନୀମାନେ ଲାଭ ନିଅନ୍ତି।

ତେବେ ବିଭିନ୍ନ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦେଖାଗଲେ, ବାସ୍ତବରେ ଆଶ୍ଚର୍ଯ୍ୟ ଲାଗିବ। କାରଣ ଭାରତରେ ୧.୩ ବିଲିୟନ ଲୋକଙ୍କ ପାଇଁ ମାତ୍ର ୧୦ ଲକ୍ଷ ପଞ୍ଜିକୃତ

ଡ଼ାକ୍ତର ଅଛନ୍ତି। ଆମର ଏଠାରେ ୧୦,୧୮୯ ଲୋକ ସଂଖ୍ୟାରେ ଜଣେ ମାତ୍ର ସରକାରୀ ଏଲୋପାଥିକ ଡ଼ାକ୍ତର ଅଛନ୍ତି, ଆଉ ଯଦିଓ ମେଡ଼ିକାଲ୍ କାଉନସିଲ୍ ଅଫ ଇଣ୍ଡିଆର କଥାକୁ ସତ୍ୟ ଧରାଯାଏ, ତେବେ ଭାରତରେ ଅଧାରୁ ଅଧିକ ଡ଼ାକ୍ତର ପଞ୍ଜିକୃତ ନୁହନ୍ତି ଓ ଏଲୋପାଥିରେ ସେମାନଙ୍କ ପାଖରେ କୌଣସି ଡ଼ିଗ୍ରୀ ନାହିଁ। ଅବଶ୍ୟ ବଡ଼ ସହରମାନଙ୍କରେ ଅବସ୍ଥା ଭଲ ଅଛି। ପ୍ରାୟତଃ ସହରଗୁଡ଼ିକରେ ୫୮ ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ଥିବାବେଳେ ଗ୍ରାମାଂଚଳରେ ମାତ୍ର ୧୮ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ପଞ୍ଜିକୃତ ଅଟନ୍ତି। ତେବେ ଭାରତ ସ୍ୱାସ୍ଥ୍ୟସେବା ପାଇଁ ନିଜ ଜିଡ଼ିପିର ୧.୨ ଶତକଡ଼ା ଖର୍ଚ୍ଚ କରୁଛି, ଯାହା, ମ୍ୟାଁମାର, ପାକିସ୍ତାନ ଓ କମ୍ବୋଡ଼ିଆ ଠାରୁ ସାମାନ୍ୟ ଅଧିକ।

ଆମ ଦେଶରେ ସ୍ୱାସ୍ଥ୍ୟ ଭିତିଭୂମି ସଂପର୍କରେ ଆଲୋଚନା କରାଗଲେ ଅତି ଦୁଃଖ ଲାଗିବ। ସାରା ଦେଶରେ ସ୍ୱାସ୍ଥ୍ୟ ଭିତିଭୂମିର ଘୋର ଅଭାବ ରହିଥିବା ଜଳଜଳ ଦେଖାଯାଉଛି। ଭିତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟାରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍ ମାନଙ୍କରେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା, ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ। ମାତ୍ର ଉପରୋକ୍ତ ଭିତିଭୂମିର ବିକାଶ ପାଇଁ ଆମ ସ୍ୱାସ୍ଥ୍ୟ ପ୍ରଶାସନ ବିଶେଷ ଦୃଷ୍ଟି ଦେଉନାହିଁ। ସାରା ଦେଶରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି। ହେଲେ ଦେଶରେ ସ୍ୱାସ୍ଥ୍ୟ ସେବାର ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଯୋଜନାଗୁଡ଼ିକ ଚାଲିଛି କିପରି, କେଉଁଠି ଓ କାହାପାଇଁ(?), କେହି କିଛି ଜାଣିପାରୁନାହାଁନ୍ତି। କେବଳ ଜଳଜଳ ଦେଖାଯାଉଛି, ସାରା ଦେଶରେ ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ରୋଗୀମାନେ ଚିକିତ୍ସା ସେବା ନପାଇ ହଇରାଣ ହେଉଛନ୍ତି। ତେବେ ଭାରତୀଙ୍କ ପାଇଁ ଏହି ମୌଳିକ ସମସ୍ୟା କେବେ ସମାଧାନ ହେବ, ତାହା ଭଜବାନଙ୍କ ଇଚ୍ଛା।

-ଓଡ଼ିଶା ନ୍ୟୁକ୍ ସର୍ଭିସ୍, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

-ଗୋଲୋ ଡାଏଟ-

ଡାଏଟ ଅନୁସରଣ କରୁଥିବା ପ୍ରତି ପ୍ରତିବନ୍ଧକ ଥାଏ। ହେଲେ ଗୋଲୋ ଡାଏଟରେ ସବୁ ପ୍ରକାର ହୋଇଥିବା ଦରକାର। ଏବେ ଗୋଲୋ ଡାଏଟ ଅନୁସରଣ ଗୋଲୋ ଡାଏଟ ଅନୁସରଣ କରି କରିପାରିବେ। ଅନ୍ୟ ଡାଏଟ ପରି ସହାୟକ ହୋଇଥାଏ। କିନ୍ତୁ ସହିତ ମଧୁମେହ ରୋଗୀଙ୍କ ପାଇଁ ଗୋଲୋ ଡାଏଟ ସର୍କରା ସ୍ତରକୁ ହରମୋନକୁ ନିୟମିତ କରିବା ସହ ବ୍ୟକ୍ତିଙ୍କ ପାଇଁ କିଛି ନିର୍ଦ୍ଦିଷ୍ଟ ଖାଦ୍ୟପେୟ ଗୋଲୋ ଡାଏଟରେ ଏହା ନଥାଏ। ଖାଦ୍ୟ ଖାଇ ହୁଏ। କିନ୍ତୁ ଏହା ସ୍ୱାସ୍ଥ୍ୟକର ଅନେକ ମଧୁମେହ ରୋଗୀମାନେ ଏହି କରୁଛନ୍ତି। ବିଶେଷଜ୍ଞମାନେ କୁହନ୍ତି, ମଧୁମେହ ରୋଗୀ ଓଜନ କମ ଏହି ଡାଏଟ ମଧ ଓଜନ କମାଇବାରେ ଗୋଲୋ ଡାଏଟ ଓଜନ କମ କରିବା ମଧ ଲାଭଦାୟକ ହୋଇଥାଏ। କାରଣ ନିୟନ୍ତ୍ରିତ ରଖିଥାଏ। ଏହି ଡାଏଟ ମେଟାବଲଜିମ୍ ବଢ଼ାଇଥାଏ। ଏହି ଡାଏଟରେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ପଡ଼ିଥାଏ। ଏହା ସହିତ ବ୍ୟାୟାମ ମଧ କରିବାକୁ ହୋଇଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଗୋଲୋ ଡାଏଟରେ କମ ଗ୍ଲାଇସେମିକ ଖାଦ୍ୟ ଗ୍ରହଣ କରାଯାଏ। ଏଥିରେ ଅଧିକାଂଶ ଏମତି ଖାଦ୍ୟପଦାର୍ଥ ଥାଏ ଯାହା ରକ୍ତ ଶର୍କରା ସ୍ତରକୁ ବୃଦ୍ଧି କରିନଥାଏ। ଫ୍ୟାଟ ନଷ୍ଟ କରିଥାଏ ଏବଂ ମେଟାବଲିଜମ ବୃଦ୍ଧି କରିବାରେ ସାହାଯ୍ୟ କରେ। ଡାଏଟସିଆନ କୁହନ୍ତି, ଏହି ଡାଏଟରେ ଅନ୍ୟ ଡାଏଟ ତୁଳନାରେ ୨୦ରୁ ୩୦% ଅଧିକ ଖାଦ୍ୟ ମିଳିଥାଏ। ଯେଉଁଥିପାଇଁ ମେଟାବଲିଜମ ବୃଦ୍ଧି ପାଏ। ଏହି ଡାଏଟରେ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏହା ୯୦ ଦିନର ଡାଏଟ ପ୍ଲାନ ହୋଇଥାଏ। ଏହି ଡାଏଟରେ ନିରାମିଷ ଖାଦ୍ୟ ପଦାର୍ଥ ମଧ ସାମିଲ କରାଯାଏ। ପନିପରିବା ସହିତ ମାଂସର ମିଶ୍ରଣ ଶରୀରକୁ ସବୁ ପୋଷକ ତତ୍ତ୍ୱ ପ୍ରଦାନ କରିବାରେ ସହାୟକ ହୋଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିନଥାଏ। ଏଥିରେ କ୍ୟାଲୋରି ମଧ ନିୟନ୍ତ୍ରଣରେ ରହିଥାଏ। କ୍ୟାଲୋରି ନିୟନ୍ତ୍ରଣ ରହିବା କାରଣରୁ ଓଜନ ସହଜରେ କମାଇ ହୋଇଥାଏ। ତେବେ ଏହି ଡାଏଟରେ କେବଳ ସଠିକ ଆହାର ନୁହେଁ ବରଂ ବ୍ୟାୟାମର ମଧ ଆବଶ୍ୟକତା ରହିଛି। ସେଥିପାଇଁ ମଧୁମେହ ରୋଗୀ ଏହି ଡାଏଟ ଅନୁସରଣ କରିଥାନ୍ତି। ଏହି ଡାଏଟରେ ପ୍ରଚୁର ମାତ୍ରାରେ ଫଳ, ପନିପରିବା, ମାଛ, ମାଂସ, ଅଣ୍ଡା ସାମିଲ କରାଯାଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଖଣିଜ, ଏବଂ ଖାଦ୍ୟସାର ରହିଥାଏ। ଏହି ଡାଏଟ ସ୍ୱାସ୍ଥ୍ୟ ଏବଂ ତ୍ୱଚାକୁ ସୁସ୍ଥ ଓ ସତେଜ ରଖିଥାଏ। ଏହି ଡାଏଟ ଅନ୍ତର୍ଗତ ମନଇଚ୍ଛା ଖାଦ୍ୟ ଖାଇବା ଅନୁଚିତ। ଡାକ୍ତରୀ ପରାମର୍ଶରେ ସୁଷମ ଖାଦ୍ୟ ଖାଆନ୍ତୁ। ଆପଣଙ୍କ ଖାଦ୍ୟ ତାଲିକାରେ ପନିପରିବା, ଫଳ ଓ ଫାଷ୍ଟଫୁଡ ଠାରୁ ଦୂରେଇ ରୁହନ୍ତୁ। ସମସ୍ତ ପ୍ରକାର ନିଶା ଦ୍ରବ୍ୟ ସେବନ ଠାରୁ ଦୂରେଇବା ସହ ଯୋଗ ଅଭ୍ୟାସ, ବ୍ୟାୟାମ ଓ ପ୍ରାଣାୟାମ ଖୁବ ଭଲ ଏ ଦିଗରେ ସଚେତନ ରହିବା ବାଞ୍ଛନୀୟ।

—ଡାକ୍ତର କାନ୍ତୀ ନାୟକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, E-mail : drkanti111nayak@gmail.com

ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଖୋର୍ଦ୍ଧା (ପିଏନ)- ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାରେ ଶିଶୁ ସୁରକ୍ଷା ସମ୍ବନ୍ଧିତ ସମସ୍ତ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାତ୍ରୀ, ୟୁନିସେଫର ଶିଶୁ ସୁରକ୍ଷା ବିଭାଗର ଓଡିଶାର ମୁଖ୍ୟ ନେହା ନାଇଡୁ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅନୁପମା ସାହୁ, ସିଡିଏମଓ ଡଃ ଆର୍ତବନ୍ଧୁ ନାୟକ, ଏସପି ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟର ଅଧ୍ୟକ୍ଷ ଭରତ ଚନ୍ଦ୍ର ସାହୁ, ଡିଏସପି ସୁରେନ୍ଦ୍ର ନାଥ ମୁର୍ମୁ, ଜିଲ୍ଲା ଶିକ୍ଷାଧିକାରୀ ସୁରେନ୍ଦ୍ର ନାଥ ତରାଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଖୋର୍ଦ୍ଧା ଶିଶୁ ମଙ୍ଗଳ କମିଟିର ସଭ୍ୟା କାନ୍ତା ମହାନ୍ତି, ନେହେରୁ ଯୁବକେନ୍ଦ୍ରର ସଂଯୋଜକ ବିପିନ କୁମାର, ଜିଲ୍ଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା ଓ ଏଡଏଟ ଆକ୍ସନର ରାଜ୍ୟ ସଂଯୋଜିକା ଶ୍ୱେତା ଶାହା ପ୍ରମୁଖ ଯୋଗ ଦେଇ ଶିଶୁ ସୁରକ୍ଷା ଅଧିକାର ଓ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହ ଶିଶୁ ଶ୍ରମିକ ଓ ଭିକ୍ଷାବୃତ୍ତିକୁ କିପରି ରୋକାଯାଇପାରିବ ସେଥିପାଇଁ ଆଗାମୀ ଦିନରେ ଜିଲ୍ଲାରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମତ ପ୍ରକାଶ ପାଇଥିଲା ।ଜିଲ୍ଲା ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମ ବିଷୟର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବେଟି ପଢାଓ ବେଟି ବଚାଓ ଯୋଜନାରୁ ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ୧୦ ଜଣ ଛାତ୍ରୀ ଯେଉଁମାନେ କି ଆର୍ଥିକ ଅନଗ୍ରସର ଓ ଭିନ୍ନକ୍ଷମ ସେମାନଙ୍କ ପରିବାରକୁ ପାଂଚ ହଜାର ଚେକ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଏଲପିଓ ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଛାୟତ, ଅନୁପ କୁମାର ବେହେରା, ରିତାଞ୍ଜଳୀ ମହାନ୍ତି, ମୁକୁଳ ନାୟକ, ମନସ୍ୱିନୀ ମହାପାତ୍ର ଓ ଅର୍ଚ୍ଚନା ରାୟ ପ୍ରମୁଖ ଯୋଗ ଦେଇଥିଲେ।

ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର ପ୍ରଶିକ୍ଷଣ ଶିବିର

ଧର୍ମଶାଳା (ପିଏନ୍): ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଧର

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୨୩

ଦାରିଦ୍ର୍ୟର ପରିଭାଷା

ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ। ତାହା ହେଲା ଦେଶ ଗରିବ ହୁଏ କାହିଁକି ? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ। ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ। କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ। ସାଧାରଣ ଅର୍ଥରେ କହିଲେ ଗରିବ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି। ଏହି ଦୃଷ୍ଟିରୁ ବିଚାର କଲେ ଭାରତ ଭଳି ବିକାଶମୁଖୀ ଦେଶମାନଙ୍କରେ ଦାରିଦ୍ର୍ୟର ଉତ୍କଟ ଅବସ୍ଥା ଦେଖାଦେଇଥାଏ। ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏହିଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡପିଛା ଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶତରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗ ରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି।

ଏକ ଅନୁକୂଳ ପରିବେଶ ଜୀବନଧାରଣ ପାଇଁ ଅପରିହାର୍ଯ୍ୟ। ଜନସଂଖ୍ୟାର ବିସ୍ଫୋରଣ ପରିବେଶ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟିକରିଛି । ଦାରିଦ୍ର୍ୟ ନିୟନ୍ତ୍ରଣ ପାଇଁ କେତେକ ଫଳପ୍ରଦ ପଦକ୍ଷପ ନେବା ଜରୁରୀ ମନେହୁଏ। ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ। ଭାରତରେ ଘରୋଇ ସଞ୍ଚ ୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭର କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ। ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ। ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢିଛି। ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି। ଏହା ନିଶ୍ଚିତ ପରିତାପର ବିଷୟ। ଏପରିକି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷଜନକ ହୋଇପାରିନାହିଁ। ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତରେ ଜନସଂଖ୍ୟା ବୃଦ୍ଧି ଆମ ପ୍ରଗତିପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭା ହୋଇଛି। ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ। ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ ଗୁଣ ବୃଦ୍ଧି ପାଇଛି। ଅର୍ଥଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ। ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥିସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ। ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିରସହଚର ହୋଇରହିଛି। ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ। ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସ ପାଏ।

ପ୍ରାୟ ୬୦ ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ। ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ର୍ୟତାର ମୁଖ୍ୟ କାରଣ। ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେବା ଆବଶ୍ୟକ। ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ। ଏଥିସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ। ଯେକୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ। ସେହିପରି କୃଷିଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ। ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବେକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ। ଉତ୍ପାଦନ କୌଶଳ ଦୁଇ ପ୍ରକାର: ଯଥା: ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ। ଭାରତ ଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ। କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ।ଉଏତଦ୍‌ବ୍ୟତୀତ ଆଉ କେତେକ ପଦକ୍ଷପ ନେବା ଜରୁରୀ ମନେହୁଏ। ସେଗୁଡିକ ହେଲା - (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ। ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବ ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ। (ଖ) ଦରିଦ୍ରମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍। (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍। (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍। (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ। ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମ୍‌ର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ତାହା ନହେଲେ ଦାରିଦ୍ର୍ୟ ଆମ ପାଇଁ ଚିରସହଚର ହୋଇ ରହିଯିବ।

ହିମାଂଶୁଶେଖର ଆଚାର୍ଯ୍ୟ, ସଭାପତି, ସାରସ୍ୱତ

ବ୍ରିଟେନରେ 'ଗେଟ୍ ଆଉଟ ପାକିସ୍ଥାନୀ'

ସୌମେନ୍ଦ୍ର ଜେନା

ପାକିସ୍ଥାନୀମାନେ କେବଳ ନିଜ ଦେଶରେ ଯେ ଜିହାଦି କାର୍ଯ୍ୟ କରୁଛନ୍ତି, ଅପରାଧ କରୁଛନ୍ତି, ଅନ୍ୟମାନଙ୍କୁ ଘୃଣାଚକ୍ଷୁରେ ଦେଖୁଛନ୍ତି ତା'ନୁହେଁ, ସାରା ପୃଥିବୀରେ ସେମାନେ ଯେଉଁ ଦେଶକୁ ଯାଉଛନ୍ତି ସେଠାରେ ମଧ୍ୟ ସେହି କାର୍ଯ୍ୟ କରୁଛନ୍ତି। ପାକିସ୍ଥାନୀମୂଳର ଲୋକମାନଙ୍କ ମଧ୍ୟରେ ଏପ୍ରକାର ଅପରାଧପ୍ରବଣତା ଦୃଷ୍ଟିରୁ ପୂର୍ବରୁ ଗ୍ରୀସ ଏବଂ ତୁର୍କୀରେ 'ଗେଟ୍ ଆଉଟ୍ ପାକିସ୍ଥାନୀ' ଟ୍ରେଣ୍ଡ୍ ଜୋର ଧରିସାରିଛି। ଏହି ଦୁଇ ଦେଶର ଲୋକେ ନିଜ ଦେଶରୁ ପାକ୍ ନାଗରିକଙ୍କୁ ବାହାର କରିବାକୁ ସରକାରଙ୍କ ନିକଟରେ ପୂର୍ବରୁ ଦାବି କରିଛନ୍ତି। କାରଣ ସେଠାରେ ପାକ୍ ମୂଳର ଲୋକେ ସମସ୍ତ ପ୍ରକାର ଅପରାଧରେ ସାମିଲ ରହିଛନ୍ତି। ତୁର୍କୀରେ ୧୨ଦିନ ମଧ୍ୟରେ ୧୦୦୦ ପାକ୍ ଲୋକଙ୍କୁ ଦେଶରୁ ତଡି ଦିଆଯାଇଛି। ନୋଟିସ ଦେବା ସତ୍ତ୍ୱେ ଯେଉଁମାନେ ପାକ୍‌କୁ ଫେରିବାକୁ ପସନ୍ଦ କରୁ ନ ଥିଲେ, ସେମାନଙ୍କୁ ଘରୁ ଉଠାଇଆଣି ସେଠାକାର ପୁଲିସ ପାକିସ୍ଥାନକୁ ପଠାଇଛି। ସେମିତି ବ୍ରିଟେନରେ ଦିନକୁଦିନ ଅଧିକ ହିଂସାକାଣ୍ଡ ଏବଂ ଅପରାଧ ଘଟୁଥିବା ହେତୁ ସେଠାକାର ସରକାର କଠୋର ହୋଇଛନ୍ତି। ବ୍ରିଟେନର ଗୃହ ସଚିବ ପ୍ରୀତି ପଟେଲ, ପାକ୍ ଗୃହସଚିବ ୟୁସୁଫ ନଦିମ ଖୋକର ଏବଂ ପାକ୍ ହାଇ କମିଶନର ମୋଜାମ ଅହମ୍ମଦ ଖାଁଙ୍କ ମଧ୍ୟରେ ୧୭ଅଗଷ୍ଟ ୨୦୨୨ରେ ଅପରାଧୀଙ୍କ ହସ୍ତାନ୍ତରଣକୁ କେନ୍ଦ୍ରକରି ବୁଝାମଣା ହୋଇଛି। ଏହାକୁ ବିଦେଶୀଙ୍କ ଆଗମନ ପାଇଁ ନୂଆ ଆଇନର ଅଂଶ ବିଶେଷ ବୋଲି କୁହାଯାଇଛି। ୧୫ମାସ ମଧ୍ୟରେ ଦୁଇଦେଶ ମଧ୍ୟରେ ୫ମ ଥର ପାଇଁ ଏହି ବୁଝାମଣା ହୋଇଛି। ବ୍ରିଟେନରେ ପାକ୍ ନାଗରିକମାନେ ହେଉଛନ୍ତି ସେଠାକାର କାରାଗାରରେ ସପ୍ତମ ସର୍ବାଧିକ ବିଦେଶୀ ଅପରାଧୀ। ଜାନୁଆରୀ ୨୦୧୯ରୁ ଡିସେମ୍ବର ୨୦୨୧ ମଧ୍ୟରେ ବ୍ରିଟେନ ନିଜ ଦେଶରୁ ୧୦,୭୪୧ ଜଣ ବିଦେଶୀ ଅଭିଯୁକ୍ତଙ୍କୁ ନିଜ ଦେଶରୁ ବିଦା କରିସାରିଛି। ଅକ୍ଟୋବର ୨୦୦୯ରେ ଦୁଇଦେଶ ମଧ୍ୟରେ ଏପ୍ରକାର ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ବ୍ରେକଜିଟ୍ ବା ଇଉରୋପୀୟ ୟୁନିଅନରୁ ବ୍ରିଟେନ ଅଲଗା ହେବା ଯୋଗୁ ନୂଆ ବୁଝାମଣା କରାଯିବା ଦରକାର ଥିଲା। ଦେଶାନ୍ତର ଗମନର ଏହି ନୂଆ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ରିଟେନ ପ୍ରଶାସନ ଅଧିକ ଜୋର ଦେବାକୁ ପ୍ରୟାସ କରୁଛି। କାରଣ ପାକିସ୍ଥାନୀ ଲୋକେ ସେଠାରେ ବହୁ ଅପରାଧରେ ଜଡିତ ରହିଆସିଛନ୍ତି। ସୋହେଲ ଆୟାଜ ନାମକ ପାକିସ୍ଥାନୀଙ୍କୁ ୨୦୧୯ରେ ୩୦ ନାବାଳିକାଙ୍କୁ ଧର୍ଷଣ କରିବା ଅପରାଧରେ ଗିରଫ କରାଯାଇଥିଲା। ସେ ଜଣେ ଅଭ୍ୟାସଗତ ଧର୍ଷଣକାରୀ ଥିଲା। ୨୦୦୮ରେ ମଧ୍ୟ ସେ ସମାନ ଢଙ୍ଗରେ ଏହିପରି ଅପରାଧ ଘଟାଇଥିଲା।

ଉତ୍ତର ଇଂଲଣ୍ଡର ୟର୍କସାୟାର ଅନ୍ତର୍ଗତ ହୁଡେଲ ଫିଲ୍ଡ ଥାନା ନାବାଳିକାଙ୍କୁ ଯୌନ ନିର୍ଯ୍ୟାତନା ଦେବା ଅଭିଯୋଗରେ ୨୦ଜଣ ଅପରାଧୀଙ୍କୁ ଜେଲ ପଠାଇଥିଲା। ସେମାନଙ୍କ ମଧ୍ୟରେ ଅଧିକ ପାକିସ୍ଥାନୀ ଥିଲେ। ୧୫ଜଣ ୧୧ରୁ ୧୭ ବର୍ଷର ଝିଅଙ୍କୁ ଏହି ଲୋକେ ୧୨୦ଥର ଖରାପ ବ୍ୟବହାର କରିଥିଲେ। ଗିରଫ ୨୦ ପାକିସ୍ଥାନୀଙ୍କ ମଧ୍ୟରେ ନିସାରତ ହୁସେନ, ସାଜିଦ ହୁସେନ, ଫୈସଲ ଅଜିମ, ଓ୍ୱିକାସ ମେହମୁଦ, ମନଜୁର ହସନ, ନିୟାଜ ଇବ୍ରାର, ଅସିଫ ବସିର, ମହମ୍ମଦ ଅକ୍ରାମ ପ୍ରମୁଖ ରହିଥିଲେ। ଗତ ଜାନୁଆରୀ ମାସରେ ବ୍ରିଟେନର କିଙ୍ଗ୍‌ସଟନ୍ -ଥେମ୍‌ସ କ୍ରାଉନ କୋର୍ଟ ନେଦରଲାଣ୍ଡରେ ରହୁଥିବା ଜଣେ ପାକ୍ ମୂଳର ବ୍ଲଗର ଏବଂ ସାମାଜିକ କର୍ମୀ ଅହମ୍ମଦ ଓ୍ୱକାସ ଗୋରାୟାଙ୍କୁ ହତ୍ୟା କରିବା ଯୋଜନା ପାଇଁ ବ୍ରିଟେନବାସୀ ପାକିସ୍ଥାନୀ ଗୋହିର ଖାଁକୁ ଦୋଷୀ ସାବ୍ୟସ୍ତ କରିଥିଲେ। ୧୬ ଫେବୃଆରୀ ୧୯୯୦ରେ ଜନ୍ମିତ ଅପରାଧୀ ଖାଁ ବିରୋଧରେ ଗତବର୍ଷ ଜୁନ୍‌ରେ ହତ୍ୟା ଅଭିଯୋଗ ଆସିଥିଲା। ୨୦୧୭ରେ ବ୍ଲଗର ଗୋରାୟାଙ୍କ ସମେତ ଅନ୍ୟ ପାଞ୍ଚ ଜଣ ବ୍ଲଗରଙ୍କୁ ଇସଲାମାବାଦରେ ଅପହରଣ କରାଯାଇ ପରେ ଛଡାଯାଇଥିଲା। ସେହି ଘଟଣା ପରେ ଗୋରାୟା ପାକିସ୍ଥାନ ଛାଡି ନେଦରଲାଣ୍ଡକୁ ଚାଲିଯାଇଥିଲେ। ହେଲେ ପାକ୍‌ରେ ଥିବା ମୂଳ ଅପହରଣକାରୀ ଗୋରାୟାଙ୍କୁ ହତ୍ୟା କରିବାଲାଗି ଖାଁଙ୍କୁ ଦାୟିତ୍ୱ ଦେଇଥିଲା। ଜେରାବେଳେ ଜଣାପଡିଥିଲା ଯେ ଗୋରାୟାଙ୍କୁ ହତ୍ୟାକରିବା ଯୋଜନାରେ ନେଦରଲାଣ୍ଡର ରଟନଡାମ୍‌କୁ ଅପରାଧୀ ଗସ୍ତ କରିଥିଲା। ହତ୍ୟାକାଣ୍ଡ ପାଇଁ ଏକଲକ୍ଷ ପାଉଣ୍ଡ ଦେବାକୁ କଥା ଛିଡିଥିବା ଜଣାପଡିଥିଲା। ଅଦାଲତରେ ଅଭିଯୁକ୍ତ କହିଥିଲା ଯେ ସେ ସେହି ହତ୍ୟାକାଣ୍ଡ ପାଇଁ ବେଶ୍ ଉତ୍ସାହୀ ହୋଇପଡିଥିଲା। ଅର୍ଥପାଇଁ ପରବର୍ତ୍ତୀ ସମୟରେ ସେପରି ଆକ୍ରମଣ ପାଇଁ ମଧ୍ୟ ସ୍ଥିର କରିଥିଲା। ପାକ୍‌ର ମଧ୍ୟସ୍ଥି ମୁଜାମିଲ ନାମକ ବ୍ୟକ୍ତି ୨୦୨୧ରେ ଖାଁ ସହ ଯୋଗାଯୋଗ କରି ୮୦ହଜାର ପାଉଣ୍ଡ ଦେବାକୁ କହିଥିଲା। ଅବଶିଷ୍ଟ ୨୦ହଜାର କମିଶନ ବାବଦକୁ ସେ ନେବ ବୋଲି ବୁଝାଇଥିଲା। ଅପରାଧୀ ଖାଁ ୧୩ବର୍ଷ ବୟସରେ ସ୍କୁଲ ଶିକ୍ଷା ପାଇଁ ବ୍ରିଟେନରୁ ଲାହୋରକୁ ଆସିଥିଲା। ସେଠାରେ ସରିଫ ଏଜୁକେସନ କଂପ୍ଲେକ୍ସରେ ରହି ୨୦୦୭ରେ ପରୀକ୍ଷା ନଦେଇ ଲଣ୍ଡନକୁ ଫେରିଯାଇଥିଲା। ଉର୍ଦ୍ଦୁରେ ପଢାଯାଉଥିବା ହେତୁ ବିଷୟ ବୁଝିବା କଷ୍ଟକର ଥିଲା ବୋଲି ଅପରାଧୀ କହିଥିଲା। ଅପରାଧୀର ପିତାମାତା ୧୯୭୦ବେଳକୁ ଲଣ୍ଡନ ଯାଇଥିଲେ। ସେଠାରେ ଖାଁର ଛଅଜଣ ଭାଇ ଭଉଣୀ ଥିଲେ। ଫରେଷ୍ଟ ଗେଟ୍ ଅଞ୍ଚଳରେ ବହୁ ବର୍ଷ ଧରି ତାଙ୍କ ପରିବାର ବସବାସ କରିଥିଲେ। ଅପରାଧୀ ଖାଁର ୩ରୁ ୧୧ ବର୍ଷ ବୟସର ୬ଟି ପିଲା ରହିଛନ୍ତି।

ବ୍ରିଟେନର ସରକାର ପାକ୍-ବ୍ରିଟେନ ମଧ୍ୟରେ ଥିବା ବନ୍ଦୀ ବଦଳ ବୁଝାମଣାକୁ ୨୦୧୯ରେ ରଦ୍ଦ କରିଥିଲେ। ଚୀନ ମଧ୍ୟ ଏପ୍ରକାର ବୁଝାମଣା ପାକ୍ ସହ ନକରିବା ପାଇଁ ପ୍ରକାଶ କରିଥିଲା। ଏପ୍ରିଲ ୨୦୧୮ରେ ପାକ୍ ସରକାର ଥାଇଲାଣ୍ଡରେ ଦୋଷୀ ସାବ୍ୟସ୍ତ ୧୭ପାକ୍ ନାଗରିକଙ୍କୁ ନିଜ ଦେଶକୁ ଫେରାଇ ଆଣିଥିଲେ। ଥାଇଲାଣ୍ଡରେ ଏହି ପାକ୍ ନାଗରିକମାନେ ନିଶା କାରବାରରେ ଧରାପଡିଥିଲେ। ଥାଇଲାଣ୍ଡର ଆଇନ ଅନୁଯାୟୀ ନିଶା ଅଭିଯୁକ୍ତଙ୍କୁ ୪୦ବର୍ଷ କାରାଦଣ୍ଡ ଦେବାର ନିୟମ ରହିଛି। ନିଶାଦ୍ରବ୍ୟ ପରିମାଣ ଅନୁଯାୟୀ ଏହି ସଜା ୧୦ରୁ ୨୫ ବର୍ଷ ମଧ୍ୟରେ ରଖାଯାଇପାରେ। ଥାଇଲାଣ୍ଡରେ ଗତବର୍ଷ ୮୮ଜଣ ପାକିସ୍ଥାନୀଙ୍କୁ ନିଶା କାରବାର ପାଇଁ ସଜା ହୋଇଥିଲା। ସେମାନଙ୍କ ମଧ୍ୟରୁ ୪୮ଜଣଙ୍କୁ ପାକ୍ ଜେଲକୁ ପଠାଯାଇଥିଲା। ପ୍ରଥମ ଦଫାରେ ୧୭ଜଣଙ୍କୁ ଥାଇଲାଣ୍ଡରୁ ପାକିସ୍ଥାନକୁ ଆଣିବା ପାଇଁ ପାକ୍ ସରକାର ୩୫୦୦୦ ଡଲାର ଥାଇ ସରକାରଙ୍କୁ ଦେଇଥିଲେ। ପାକ୍ ସରକାର ଏପ୍ରକାର ବୁଝାମଣା ବ୍ରିଟେନ, ସଂଯୁକ୍ତ ଆରବ ଅମିରାତ, ଶ୍ରୀଲଙ୍କା, ଥାଇଲାଣ୍ଡ ଏବଂ ସ୍ପେନ ସହ କରିଛନ୍ତି। ୧୬ ଡିସେମ୍ବର ୨୦୦୧ରେ ଇଂଲଣ୍ଡର ସରେ ଅଞ୍ଚଳରେ ଜଣେ ପାକ୍ ବ୍ୟବସାୟୀଙ୍କ ପ

କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଣ୍ଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାଓ୍ୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପ୍ଲୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

ମଣ୍ଡଳପାଟ ବିଦ୍ୟାଳୟରେ ପୋଷାକ ବଣ୍ଟନ

କେନ୍ଦୁଝର ,(ପି.ଏନ): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମଣ୍ଡଳପାଟ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମକୁ ଅଷ୍ଟମ ଶ୍ରେଣୀର ମୋଟ୍ ୨୦୧ ଜଣ ଛାତ୍ରଛାତ୍ରୀଙ୍କୁ ଦୁଇହଳ ପୋଷାକ ସହ ଏକହଳ ଜୋତା ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ନୂଆଗାଁ ସିଆରସିସି ନେତ୍ରାନନ୍ଦ ଦେହୁରୀ ଏବଂ ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୋଲକ ଚନ୍ଦ୍ର ମହାନ୍ତ ଉପସ୍ଥିତ ରହି ପୋଷାକ ବିତରଣ କରିଥିଲେ । ଶିକ୍ଷକ ସୀବ କୁମାର ସାହୁ, ଶିକ୍ଷୟତ୍ରୀ ରୋଜାଲିନ୍ ସାହୁ, ସୁକୁମାରୀ ମାଝୀ ଓ ହେମତଲା ନାଏକ, ବିଦ୍ୟାଳୟ କମିଟିର ସଦସ୍ୟ / ସଦସ୍ୟା ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଶିକ୍ଷୟତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦୁଝର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ଯୋଗେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ସେବତୀ ପ୍ରଦାନଙ୍କୁ ସଦର ବ୍ଲକ ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ପ୍ରଥମିକ ଶିକ୍ଷକ ସଂଘ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବଣୁଆ ଉ.ପ୍ରା. ବିଦ୍ୟାଳୟ ପରିସରରେ ଆୟୋଜିତ ଏକ କ୍ଷୁଦ୍ର ସମାରୋହରେ ବ୍ଲକ ଶିକ୍ଷକ କର୍ମକ□ା ତଥା ସ୍ଥାନୀୟ ବୀରକିଶୋରପୁର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୀବ କୁମାର ସାହୁ ଉପସ୍ଥିତ ରହି ବିଦାୟୀ ଶିକ୍ଷୟତ୍ରୀଙ୍କ ଭବିଷ୍ୟତ ଜୀବନ ସ୍ୱାସ୍ଥ୍ୟମୟ, ଦୀର୍ଘାୟୁ ହେବାପାଇଁ ମଙ୍ଗଳ କାମନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗହଣରେ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷୟତ୍ରୀ ମଙ୍ଗୁଳୀ ହାଁସଦା,ଶିକ୍ଷକ ସୁବ୍ରତ ମହାପାତ୍ର, ଶିକ୍ଷୟତ୍ରୀ ବବିତା ସାହୁ ଓ ବିଜୟା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଓ୍ୱକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ଓ୍ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡେବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ର

ମୋ ଓଡ଼ିଶା

ଇନ୍ଦିରା ଏକାଦଶୀ ମହିମା

ଆଶ୍ୱିନ ମାସ କୃଷ୍ଣ ପକ୍ଷ ଏକାଦଶୀ କରାଯାଇଥାଏ। ଶାଳଗ୍ରାମଙ୍କ ପୂଜା ଏହି ବ୍ରତ କରିବା ଦ୍ୱାରା ମନୁଷ୍ୟ ଏବଂ ବୈକୁଣ୍ଠ ଲୋକରେ ସ୍ଥାନ ଇନ୍ଦିରା ଏକାଦଶୀ ବ୍ରତ କରୁଥିବା ଲାଭ କରିଥାନ୍ତି। ଏକାଦଶୀର ଗୋଟିଏ ପୁଷ୍କରିଣୀରେ ସ୍ନାନ କରି ଶ୍ରଦ୍ଧାପୂର୍ବକ ଭୋଜନ ଗ୍ରହଣ କରନ୍ତୁ। ଏକାଦଶୀ ଶାଳଗ୍ରାମ ପୂଜା କରିବା ଉଚିତ। ଏହି ଭଗବାନ ହୃଷିକେଶଙ୍କୁ ମଧ୍ୟ ପୂଜା କରାଯିବାର ପରମ୍ପରା ରହିଛି। ସେହିପରି ଭଗବାନଙ୍କ ନିକଟରେ ରାତ୍ରି ଜାଗରଣ କରିବାର ମଧ୍ୟ ବିଧି ରହିଛି। ଦ୍ୱାଦଶୀ ଦିନ ବନ୍ଧୁ ଓ ସମ୍ପର୍କୀୟଙ୍କ ସହ ଭୋଜନ ଗ୍ରହଣ କରିବା ଉଚିତ। ଆଶ୍ୱିନ ମାସ କୃଷ୍ଣପକ୍ଷରେ ପାଳିତ ହେଉଥିବା ଏକାଦଶୀକୁ ଇନ୍ଦିରା ଏକାଦଶୀ କୁହାଯାଏ। ସତ୍ୟଯୁଗରେ ମହିଷମତିପୁରୀ ନାମକ ରାଜ୍ୟରେ ରାଜୁତି କରୁଥିଲେ ରାଜା ଇନ୍ଦ୍ରସେନ। ଇନ୍ଦ୍ରସେନଙ୍କ କିର୍ତ୍ତୀ ସର୍ବତ୍ର ରହିଥିଲା। ସେ ଭଗବାନ ବିଷ୍ଣୁଙ୍କ ପରମଭକ୍ତ ଥିଲେ। ନ୍ୟାୟବନ୍ତ ଥିବାରୁ ତାଙ୍କ ରାଜ୍ୟରେ ପ୍ରଜାମାନେ ଖୁସିରେ ରହୁଥିଲେ। ଥରେ ଇନ୍ଦ୍ରସେନଙ୍କ ଦରବାରକୁ ଦେବର୍ଷି ନାରଦ ଆସିଲେ। ରାଜା ନାରଦମୁନିଙ୍କୁ ଯଥା ସମ୍ମାନ ଜଣାଇ ଆସିବାର କାରଣ ଜାଣିବାକୁ ଚାହିଁଲେ। କିଛି ଦିନ ପୂର୍ବେ ଯମ ଲୋକକୁ ଯାଇଥିବା ସମୟରେ ସେଠାରେ ରାଜା ଇନ୍ଦ୍ରସେନଙ୍କ ପିତାଙ୍କୁ ଭେଟିଥିବା କଥା ନାରଦ ମୁନି କହିଲେ। ଧର୍ମାତ୍ମା ହୋଇଥିବା ସତ୍ତ୍ୱେ ରାଜାଙ୍କ ପିତା ଏକାଦଶୀ ବ୍ରତ ଭାଙ୍ଗିଥିବାରୁ ଯମଲୋକରେ ଯନ୍ତ୍ରଣା ଭୋଗୁଥିବା କଥା ଦେବର୍ଷି ନାରଦଙ୍କ ଠାରୁ ଶୁଣି ରାଜା ଇନ୍ଦ୍ରସେନ ଦୁଃଖିତ ହେଲେ। ଏଥିରୁ ମୁକ୍ତି ପାଇବା ଲାଗି ସେ ନାରଦଙ୍କ ଠାରୁ ପରାମର୍ଶ ମାଗିଲେ। ଏହାପରେ ଦେବର୍ଷି ନାରଦ ରାଜା ଇନ୍ଦ୍ରସେନଙ୍କୁ ଆଶ୍ୱିନ ମାସ କୃଷ୍ଣପକ୍ଷ ଏକାଦଶୀ ବ୍ରତ କରିବାକୁ କହିଥିଲେ। ଏହି ଏକାଦଶୀ ବ୍ରତ ବିଧିପୂର୍ବକ କରିବା ଦ୍ୱାରା ରାଜା ଇନ୍ଦ୍ରସେନଙ୍କ ପିତା ଯମଲୋକରୁ ମୁକ୍ତ ହୋଇ ସ୍ୱର୍ଗଲୋକରେ ପହଞ୍ଚିଥିଲେ। ମୃତ୍ୟୁ ପରେ ରାଜା ଇନ୍ଦ୍ରସେନଙ୍କୁ ବୈକୁଣ୍ଠ ଲୋକରେ ସ୍ଥାନ ମିଳିଥିଲା। ସେଥିପାଇଁ କୁହାଯାଏ ଯେ ଇନ୍ଦିରା ଏକାଦଶୀ ବ୍ରତ ଦ୍ୱାରା ପୂର୍ବ ଜନ୍ମର ସମସ୍ତ ପାପ କ୍ଷୟ ହେବା ସହ ଅଶ୍ୱମେଧ ଯଜ୍ଞ ସମାନ ପୁଣ୍ୟପ୍ରାପ୍ତି ହୋଇଥାଏ। ଏହି ବ୍ରତ କରୁଥିବା ବ୍ୟକ୍ତିର ପୂର୍ବପୁରୁଷ କୌଣସି ପାପର ଭାଗି ହୋଇ ମୃତ୍ୟୁଲୋକରେ କଷ୍ଟ ଭୋଗୁଥିଲେ ସେଥିରୁ ମୁକ୍ତ ହୋଇ ସ୍ୱର୍ଗ ପ୍ରାପ୍ତି କରିଥାନ୍ତି। ବ୍ରତ ନିମନ୍ତେ ଦଶମୀ ଦିନ ଏକ ସମୟ ଭୋଜନ ପୂର୍ବକ ଭଗବାନ ବିଷ୍ଣୁଙ୍କ ପୂଜା କରାଯାଇଥାଏ। ଏକାଦଶୀରେ ସମ୍ପୂର୍ଣ୍ଣ ନିରାହାର ଏବଂ ଅନିଦ୍ରା ରହି ଭଗବାନ ବିଷ୍ଣୁଙ୍କ ଆରାଧନା କରାଯିବା ଉଚିତ। ଦ୍ୱାଦଶୀରେ ବ୍ରାହ୍ମଣଙ୍କୁ ଭୋଜନ ଦେଇ ନିରବତା ପୂର୍ବକ ଭୋଜନ କରି ଏକାଦଶୀ ବ୍ରତ ଭାଙ୍ଗିବା ଉଚିତ।

ଉତ୍କଳାନନ୍ଦ ଅଜୟ କୁମାର ବେହେରା, 'ବରେଣ୍ୟ ବାଣୀ'
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ପଦାଧିକାରୀଙ୍କ ସହ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ଆଲୋଚନା



ଭୁବନେଶ୍ୱର (ପିଏନ୍): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍‌ର ସଭାପତି ଶ୍ରୀ ହୃଦାନନ୍ଦ ଦ୍ୱିବେଦୀ ଓ ମହାସଚିବ ଅମୀୟ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଭାଗୀୟ ପ୍ରମୁଖ ସଚିବ ଆଶ୍ୱସ୍ଥୀ ଏସ୍ ଏବଂ ବିଭାଗୀୟ ପଦାଧିକାରୀଙ୍କ ସହିତ ପ୍ରାଥମିକ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ସମ୍ବନ୍ଧରେ ଥିବା ସମସ୍ୟା ଓ ତାର ସମାଧାନ ପାଇଁ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟତୀତ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକୁ ବନ୍ଦ କରାଯିବା ନିମନ୍ତେ ସଂଗଠନ ଦୃଢ଼ ଦାବି କରିଥିଲା। ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ୫-୫ ଅଧୀନକୁ ନିଆଯାଇ ବିଦ୍ୟାଳୟ ଶ୍ରେଣୀଗୃହ ମରାମତି ଓ ଅତିରିକ୍ତ ଶ୍ରେଣୀଗୃହ (ଆବଶ୍ୟକତା ଅନୁଯାୟୀ) କରାଯିବା ପାଇଁ ଆଲୋଚନା କରାଯାଇଥିଲା। ରାଜ୍ୟରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ବର୍ଗୀକରଣକୁ ବନ୍ଦ କରାଯିବା, ଖାଲିଥିବା ପଦଗୁଡ଼ିକୁ ପୂରଣ କରିବା ପାଇଁ ପଦୋନ୍ନତିରେ ରିହାତି ଦେବା, ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକ ଅବଧିକୁ ବିନା ଅର୍ଥରେ ଚାକିରିରେ ଗଣନା କରିବା, ଚୁକ୍ତିଭିତ୍ତିକ ପଦବୀ ଉଚ୍ଛେଦ କରିବା, ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଉଚ୍ଚ ଯୋଗ୍ୟତାଧାରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶତକଡ଼ା ୫୦ ଭାଗ ଉଚ୍ଚ ବିଦ୍ୟାଳୟମାନଙ୍କରେ ଅବସ୍ଥାପିତ କରିବା, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶାନୁଯାୟୀ ଆର୍.ଏ.ସି.ପି. ପ୍ରାପ୍ୟରୁ ବଞ୍ଚିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ତୁରନ୍ତ ପ୍ରାପ୍ୟ ପ୍ରଦାନ କରିବା, କ୍ୟାଡର ରୁଲରେ ଥିବା ତୃତୀୟ ବର୍ଗ, ଦ୍ୱିତୀୟ ବର୍ଗ ଓ ପ୍ରଥମ ବର୍ଗରେ ଥିବା ତାରତମ୍ୟ ଦୂର କରିବା। ରାଜ୍ୟରେ ଥିବା ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ରୂପେ କଳା ଶିକ୍ଷକ, ଖେଳ ଶିକ୍ଷକ ନିଯୁକ୍ତି କରିବା, ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା ପୂର୍ବଭଳି ଚାଲୁ ରଖିବା, ଏନ୍.ପି.ଏସ୍. ଶିକ୍ଷକମାନଙ୍କ ଗ୍ରାଚ୍ୟୁଇଟି ପ୍ରଦାନ କରିବା, ଏତଦ୍ ବ୍ୟତୀତ ସର୍ବୋପରି ନୂତନ ପେନସନ୍ ହଟାଇ ପୁରୁଣା ପେନ୍‌ସନ୍ ଲାଗୁ କରିବା ଏବଂ କେନ୍ଦ୍ରୀୟ ଶିକ୍ଷାନୀତି ଅ ନୁଯାୟୀ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅବିକଳ କେନ୍ଦ୍ରୀୟ ଦରମା ପ୍ରଦାନ କରିବା, ବାଲେଶ୍ୱର ଏବଂ ମୟୂରଭଞ୍ଜ ଭଳି ଅନ୍ୟ ଜିଲ୍ଲାରେ ଥିବା ପଦୋନ୍ନତି ସମସ୍ୟାକୁ ଦୂର କରିବା ପାଇଁ ଆଜିର ଆଲୋଚନାରେ ଫେଡେରେସନ୍ ଦୃଢ଼ ଦାବି କରିଥିଲା। ଆଗାମୀ ଦିନରେ ମୁଖ୍ୟ ଦାବି ଦ୍ୱୟ ଯଥା - ପୁରୁଣା ପେନ୍‌ସନ୍ ଓ ଅବିକଳ କେନ୍ଦ୍ରୀୟ ବେତନ ଯଦି ପୂରଣ ନ ହୁଏ ତେବେ ରାଜ୍ୟରେ ଦେଢ଼ଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘୀୟ କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ସକାରାତ୍ମକ ଭାବେ ଉକ୍ତ ଆଲୋଚନା ହୋଇଥିବାରୁ ମାନ୍ୟବର ମନ୍ତ୍ରୀ ମହୋଦୟ, ବିଭାଗୀୟ ମୁଖ୍ୟ ସଚିବ ତଥା ବିଭାଗୀୟ ଅଧିକାରୀବୃନ୍ଦ ଦୀର୍ଘ ସମୟ ଧରି ଶିକ୍ଷକମାନଙ୍କ ସମସ୍ୟା ପ୍ରତି ସମାଧାନ ଦିଗରେ ଯତ୍ନବାନ୍ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବୋଲି ରାଜ୍ୟ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମହାସଚିବ ଅମୀୟ କୁମାର ଦାଶ, ସଂଯୋଜିକା ଚାରୁଲତା ମହାପାତ୍ର, ଉପସଭାପତି ବିଜୟ ମହାନ୍ତି, ସୁଚିତ୍ରା ଦାସ, ସୁରେନ୍ଦ୍ର କୁଲଦୀପ, ରମାକାନ୍ତ ମହାନ୍ତି, ସୁନୀତା ବେହେରା, ଏସ୍.କେ. ଖଲିକ୍ ପ୍ରଭୃତି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ୨୪ରେ ଯୁବ ଉତ୍ସବ

ଭୁବନେଶ୍ୱର (ପିଏନ୍): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର, ଖୋର୍ଦ୍ଧା ପକ୍ଷରୁ ସେପ୍ଟେମ୍ବର ୨୪ ତାରିଖରେ ପାଳନ ହେବାକୁ ଯାଉଛି ଯୁବ ଉତ୍ସବ କାର୍ଯ୍ୟକ୍ରମ। ସୂଚନାଯୋଗ୍ୟ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଦେଶର ପ୍ରତି ରାଜ୍ୟରେ ରହିଥିବା ପ୍ରତିଟି ଜିଲ୍ଲାରେ ଏହି ଯୁବ ଉତ୍ସବ କାର୍ଯ୍ୟକ୍ରମ ପାଳନ କରାଯିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ପାଇଁ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ଇଞ୍ଜିନିୟରିଂ କଲେଜ ନିସ୍ ପରିସରରେ ଏହା ପାଳନ ହେବା ଲାଗି ସ୍ଥିରୀକୃତ କରାଯାଇଛି। ଏହି ଉତ୍ସବରେ କେବଳ ଖୋର୍ଦ୍ଧା ଜିଲ୍ଲାର ଯୁବକ ଯୁବତୀ, ଯୁବ ଅନୁଷ୍ଠାନ, କ୍ଲବ, ବିଦ୍ୟାଳୟ, ମହାବିଦ୍ୟାଳୟର ଇତ୍ୟାଦିର ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇପାରିବେ। ସେମାନଙ୍କ ମଧ୍ୟରେ ରହିଥିବା ବିଭିନ୍ନ ପ୍ରତିଭା ଓ ସୃଜନଶୀଳତାର ବିକାଶ ଲାଗି ଭିନ୍ନ ଭିନ୍ନ ପ୍ରତିଯୋଗିତା ଯଥା ତର୍କ, ଚିତ୍ରକଳା, କବିତା ପାଠ, ଫଟୋଗ୍ରାଫି, ଓଡ଼ିଶୀ ନୃତ୍ୟ, ଯୁବ ସମ୍ବାଦ ଇତ୍ୟାଦି ପ୍ରତିଯୋଗିତାମାନ ଆୟୋଜନ କରାଯାଇଛି। କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସବରେ ଓଡ଼ିଶାର ମାନ୍ୟଗଣ୍ୟ ଓ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ମାନିତ କରାଯିବ। ଉକ୍ତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ଯୁବକ ଯୁବତୀ ଚାହୁଁଥିଲେ ସେମାନେ ଭୁବନେଶ୍ୱର ନୟାପଲ୍ଲୀ ୭୧ ଭିଆଇପିସ୍ଥିତ ନେହେରୁ ଯୁବକେନ୍ଦ୍ର ସହ ସିଧାଳସଳଖ ଯୋଗାଯୋଗ କରିବା ଲାଗି କେନ୍ଦ୍ରର ଯୁବ ଅଧିକାରୀ ବିପିନ୍ କୁମାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନର ତାତ୍ପର୍ଯ୍ୟ

ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ତୃତୀୟ ମଙ୍ଗଳବାରରେ ଆନ୍ତର୍ଜାତିକ ଶାନ୍ତି ଦିବସ ପାଳନ ହେବ ବୋଲି, ଜାତିସଂଘର ସାଧାରଣ ପରିଷଦ ୧୯୮୧ ମସିହାରେ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହିଦିନ ଜାତିସଂଘ ସାଧାରଣ ପରିଷଦର ବାର୍ଷିକ ଅଧିବେଶନ ଆରମ୍ଭ ହେଉଥିବାରୁ,ଏହି ଦିବସଟିକୁ ଶାନ୍ତି ଦିବସ ରୂପେ ପାଳନ କରିବାକୁ ନିଷ୍ପତି ନିଆଯାଇଥିଲା। ସମଗ୍ର ପୃଥିବୀରେ, ପରସ୍ପର ମଧ୍ୟରେ ଶାନ୍ତି ପ୍ରତିଷ୍ଠା କରି ଏହାକୁ ଦୃଢୀଭୂତ କରିବା ନିମନ୍ତେ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଏକମାତ୍ର ମୁଖ୍ୟ ଲକ୍ଷ୍ୟ। ଏହାର ଠିକ୍ ଦୁଇ ଦଶନ୍ଧି ପରେ, ୨୦୦୧ ମସିହାରେ, ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୧ ତାରିଖରେ ଏହି ଦିବସ ପାଳିତ ହେବ ବୋଲି, ଜାତିସଂଘର ସାଧାରଣ ପରିଷଦ, ଏକ ସଂଶୋଧନ ପ୍ରସ୍ତାବ ଗୃହୀତ କରାଇଥିଲେ। ୨୦୦୨ ମସିହାଠାରୁ ଅଦ୍ୟାବଧି, ଏହି ଦିବସ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ୨୧ ତାରିଖରେ ପାଳିତ ହୋଇ ଆସୁଅଛି। ଇତିହାସ ଅଧ୍ୟୟନରୁ ଜଣାଯାଏ ଯେ, ପୂର୍ବକାଳ ଅପେକ୍ଷା, ବର୍ତମାନ ଯୁଗରେ ଶାନ୍ତିର ବାତାବରଣ କ୍ରମେ ହ୍ରାସ ପାଉଅଛି। ଅନେକ ରାଷ୍ଟ୍ରମୁଖ୍ୟମାନଙ୍କର, ସାମ୍ରାଜ୍ୟବାଦ ଓ ବିସ୍ତାରବାଦ ନୀତି ତଥା ନିଜକୁ ବିଶ୍ୱର ଶ୍ରେଷ୍ଠ ଶକ୍ତି ରୂପେ ପ୍ରତିପାଦିତ କରିବାର ଆକାଂକ୍ଷା, ବେଳେ ବେଳେ ପୃଥିବୀରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି କରି ମାନବ ସମାଜକୁ ଭୟାବହ ବିପଦ ଭିତରକୁ ଟାଣି ନେଇ, ଅଶାନ୍ତିର ଦାବାଗ୍ନି ପ୍ରଜ୍ୱଳିତ କରାଇ ଦେଉଛି। ବ୍ୟକ୍ତିଗତ ସ୍ତରରେ ମଧ୍ୟ, କିଛି ଲୋକଙ୍କର ସ୍ୱାର୍ଥପରତା, ଲୋଭ, ଦୁର୍ବଳକୁ ଉତ୍ପୀଡନ କରିବାର ଜାନ୍ତବ ଅଭିଳାଷ, ସମାଜରେ ବହୁ ପରିମାଣରେ ଅଶାନ୍ତି ସୃଷ୍ଟି କରୁଅଛି। ବିଶ୍ୱ ଶାନ୍ତି ଦିବସରେ, ଜନମାନସରେ କେବଳ ଶାନ୍ତି ବଜାୟ ରଖିବା ବା ପ୍ରୋତ୍ସାହିତ କରିବା କାର୍ଯ୍ୟ ବ୍ୟତୀତ, ଗୋଷ୍ଠୀଗତ ଓ ରାଷ୍ଟ୍ରଗତ ବିବାଦକୁ ସମାଧାନ କରି, ପ୍ରତ୍ୟକ୍ଷ ଯୁଦ୍ଧରୁ ନିବୃତ କରାଇ ଅହିଂସାର ପ୍ରତିଷ୍ଠା ଦିଗରେ ଶତ ପ୍ରତିଶତ ପ୍ରଚେଷ୍ଟା ଜାରି କରା ଯାଉଅଛି। ଜାତିସଂଘ ପ୍ରତିଷ୍ଠା ହେବା ପରଠାରୁ, କେହି କାହା ବିରୁଦ୍ଧରେ ବଳ ପ୍ରୟୋଗ କରିବା ବା ଅନ୍ୟ ରାଷ୍ଟ୍ରର ସ୍ୱାଧୀନତା, ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ କରିବା କାର୍ଯ୍ୟକୁ, ସର୍ବଦା ନିରୁତ୍ସାହିତ କରି ଆସିଅଛି। କିନ୍ତୁ ବର୍ତମାନ କେତେକ ପ୍ରଭାବଶାଳୀ ସଭ୍ୟ ରାଷ୍ଟ୍ରଙ୍କ ସ୍ୱାର୍ଥପରତା ଓ ଜିଦ୍‌ଖୋର ମନୋବୃତି ଯୋଗୁଁ, ଜାତିସଂଘ ଶାନ୍ତି ବ୍ୟାହତ କରୁଥିବା ରାଷ୍ଟ୍ର ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅସହାୟ ବୋଧ କରୁଅଛି। ତେଣୁ ଆଜି ଏ ଅଶାନ୍ତ ପୃଥିବୀରେ, ସାଧାରଣ ଲୋକଙ୍କର, ଶାନ୍ତି ପ୍ରତିଷ୍ଠାକାରୀ ଓ ଶାନ୍ତି ରକ୍ଷାକାରୀଙ୍କ ଉପରେ ପ୍ରକଟ କରିଥିବା ଦୃଢ ଆସ୍ଥା କ୍ରମେ କ୍ରମେ ହ୍ରାସ ପାଉଛି। ପୃଥିବୀର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଅନେକ ସମସ୍ୟା ଅଶାନ୍ତିର ମୂଳ କାରଣ। ଅର୍ଥନୈତିକ ଅସମାନତା ଅଶାନ୍ତି ସୃଷ୍ଟିର ଅନ୍ୟତମ କାରଣ। ଯଦି ଜଣେ ଲୋକ ତାର ମୌଳିକ ଆବଶ୍ୟକତା ଖାଦ୍ୟ ବସ୍ତ୍ର ବାସଗୃହ ତଥା ଏକ ସୁସ୍ଥ ନିରାମୟ ଜୀବନ ଯାପନ ପାଇଁ ଅସୁବିଧାର ସମ୍ମୁଖୀନ ହୁଏ, ତେବେ ସେ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିଙ୍କ ବିରୁଦ୍ଧରେ ଈର୍ଷାପରାୟଣ ହେବା ଏବଂ ଅସହିଷ୍ଣୁତା ପ୍ରଦର୍ଶନ କରିବା ଏକ ସ୍ୱାଭାବିକତା। ବେଳେ ବେଳେ କିଛି ବ୍ୟକ୍ତି ବା ରାଷ୍ଟ୍ରମୁଖ୍ୟ ଅଧିକ ଅର୍ଥ ଓ କ୍ଷମତାର ଅଧିକାରୀ ହୋଇଗଲେ, ସେମାନଙ୍କ ଆଚରଣରେ ସ୍ୱେଚ୍ଛାଚାରିତା ଏବଂ କ୍ରୁରତା ଲକ୍ଷ୍ୟ କରାଯାଏ ଓ ସେମାନେ ଅନେକ ସମୟରେ ବିଭିନ୍ନ ଅଶାନ୍ତି ସୃଷ୍ଟିର କାରଣ ହୋଇଯାଆନ୍ତି। ପୃଥିବୀର ସମସ୍ତ ଅଂଚଳର ଲୋକ-ମାନଙ୍କର ଶାରୀରିକ ଗଠନ, ଖାଦ୍ୟ, ବସ୍ତ୍ର, ବାସଗୃହ, ଧର୍ମ, ସାମାଜିକ ପରମ୍ପରା, ଭାଷା, ଭୌଗୋଳିକ ସ୍ଥିତି ଭିନ୍ନ ଭିନ୍ନ ହୋଇଥିଲେହେଁ, ଶାନ୍ତି ପ୍ରାପ୍ତି ସମସ୍ତଙ୍କର ଏକାନ୍ତ କାମ୍ୟ। ୧୯୮୪ରେ ବିଶ୍ୱବ୍ୟାପୀ ଏକ ଶାନ୍ତିର ତରଙ୍ଗ ସୃଷ୍ଟି କରିବା ନିମନ୍ତେ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ବ୍ୟକ୍ତିବିଶେଷ, ସଂପ୍ରଦାୟ, ଅନୁଷ୍ଠାନ ଏବଂ ରାଷ୍ଟ୍ରମାନଙ୍କୁ ନେଇ ଏକ (ନୀରବ ମୁହୂର୍ତ)ର ଆହ୍ୱାନ ଦେଇଥିଲେ। ଦାରିଦ୍ର୍ୟତାର ବିଲୋପ ସାଧନ, ସମସ୍ତଙ୍କ ପାଇଁ ଖାଦ୍ୟ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ତଥା ନ୍ୟାୟ ପ୍ରଦାନରେ ସମାନତା, ଏ ସମାଜରୁ ଅନେକାଂଶରେ ହିଂସା ହ୍ରାସ କରି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟ ହେବ। ଆଜିର ଦିବସ ଆମ ସମସ୍ତଙ୍କ ପାଇଁ ଏକ ବଡ ଆହ୍ୱାନ। ଏ ସମାଜରେ ବିଭୀଷିକାମୟ ନରସଂହାର, ଅସୂୟା ଭାବ, ହିଂସା, ଦ୍ୱେଷ, ପରଶ୍ରୀକାତରତା, ଅହଂକାର, ଗର୍ବ, ସ୍ୱାର୍ଥପରତା ଭିତରେ ଅଶାନ୍ତିରେ କାଳାତିପାତ କରିବା ନା ସ୍ନେହ, ପ୍ରେମ, ଭ୍ରାତୃତ୍ୱଭାବ, ସହନଶୀଳତା, ନିଃସ୍ୱାର୍ଥପରତା ଓ ସଦ୍ଇଚ୍ଛାକୁ ପାଥେୟ କରି ଶାନ୍ତିରେ ଜୀବନଯାପନ କରିବା? ଈଶ୍ୱରଙ୍କ ସୃଷ୍ଟିରେ ମାନବ ଏକ ସର୍ବଶ୍ରେଷ୍ଠ ସୃଷ୍ଟି ଏବଂ ତା'ର ମନ ଏକ ଅଦ୍ଭୁତ ଉପାଦାନରେ ଗଠିତ। ଆସୁରିକ ଗୁଣ ଓ ସ୍ୱର୍ଗୀୟ ଗୁଣ ମଧ୍ୟ ଜନ୍ମଗତ ପ୍ରାପ୍ତ। କିନ୍ତୁ ପରିବେଶ ଓ ପରିସ୍ଥିତିର ଚାପରେ ତା'ର ଗୁଣ ମଧ୍ୟ ଅନେକାଂଶରେ ପରିବର୍ତିତ ହୋଇଥାଏ। ଗଣତାନ୍ତ୍ରିକ ପଦ୍ଧତିରେ, ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ, ଶାନ୍ତି ପ୍ରତିଷ୍ଠା ନିମନ୍ତେ ଏକ ଉତମ ମାର୍ଗ। ଶାନ୍ତି ପ୍ରତିଷ୍ଠା ନିମନ୍ତେ ସର୍ବୋତ୍କୃଷ୍ଟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ୧୯୦୧ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ୨୦୦୮ ମସିହାରେ ଆଇସଲ୍ୟାଣ୍ଡକୁ ସର୍ବଶ୍ରେଷ୍ଠ ଶାନ୍ତିକାମୀ ରାଷ୍ଟ୍ର ରୂପେ ଘୋଷଣା କରାଯାଇଥିଲା ଏବଂ ଅଦ୍ୟାବଧି ତାହା ବଜାୟ ରହିଅଛି। ଆଜି ବିଶ୍ୱରେ ଆତଙ୍କବାଦ ଏକ କରାଳ ରୂପରେ ଉଭାସିତ। ହିଂସା କେବେବି ଶାନ୍ତି ପ୍ରତିଷ୍ଠା ଦିଗରେ ସହାୟକ ହୋଇପାରିବ ନାହିଁ। ଆଜି ଆଫଗାନିସ୍ଥାନ, ୟୁକ୍ରେନର ବିଭୀଷିକାମୟ ରକ୍ତରଂଜିତ ଅଧ୍ୟାୟ ଏବଂ ସେଠାକାର ଅଧିବାସୀମାନଙ୍କର ଜୀବନ ଓ ଅଧିକାର ଭିକ୍ଷା ନିମନ୍ତେ କରୁଣ ଆର୍ତଚିତ୍କାର, ଯେକୌଣସି କଠୋର ବ୍ୟକ୍ତିର ହୃଦୟକୁ ଦୋହଲାଇ ଦେବ, ଏଥିରେ ସନ୍ଦେହ ନାହିଁ। ତେଣୁ ଆଜି ସମସ୍ତେ ଶପଥ ନେବା, ନିଜର ସ୍ୱର୍ଗୀୟ ମାନବିକତା ଗୁଣର ପ୍ରୟୋଗରେ,ଏ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ତଥା ହିଂସ୍ରତା ଆଚରଣ କରୁଥିବା ବ୍ୟକ୍ତିବିଶେଷ ତଥା ରାଷ୍ଟ୍ରମୁଖ୍ୟମାନଙ୍କ ଉପରେ ନୈତିକ ଚାପ ପକାଇ ଏତାଦୃଶ କାର୍ଯ୍ୟରୁ ନିବୃତ କରାଇ, ଆଜି "ବିଶ୍ୱ ଶାନ୍ତି ଦିବସ"ର ସାର୍ଥକ

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପିଏମ କେୟାର୍ସ ପାଣ୍ଠି ଟ୍ରଷ୍ଟିବୋର୍ଡ ବୈଠକ

ନୂଆଦିଲ୍ଲୀ, (ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ପିଏମ କେୟାର୍ସ ପାଣ୍ଠି ବୋର୍ଡ ଅଫ ଟ୍ରଷ୍ଟି ବୈଠକରେ (୨୦-୦୯-୨୦୨୨) ଅଧ୍ୟକ୍ଷତା କରିଛନ୍ତି ।ବୈଠକରେ ପିଏମ କେୟାର୍ସ ପାଣ୍ଠି ଓ ୪୩୪୫ ଜଣ ଶିଶୁଙ୍କୁ ସହାୟତା ପ୍ରଦାନ କରିଥିବା ପିଏମ କେୟାର୍ସ ଶିଶୁ ଯୋଜନା ନେଇ ମଧ୍ୟ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ବିବରଣୀ ପ୍ରଦାନ କରାଯାଇଥିଲା । ଦେଶର ଜଟିଳ ପରିସ୍ଥିତି କାଳରେ ପାଣ୍ଠି ଦ୍ୱାରା ଗ୍ରହଣ କରାଯାଇଥିବା ଭୂମିକା ନେଇ ଟ୍ରଷ୍ଟ ସଦସ୍ୟଗଣ ସନ୍ତୋଷ ବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ମଧ୍ୟ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ଅଧିକ ଦୃଢ଼ିଭୂତ କରାଯିବ ।

ଭୁବନେଶ୍ୱର, (ସେପ୍ଟମ୍ବର): ବୁଧବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିପର୍ଯ୍ୟୟ ମୁକାବିଲା ସମ୍ବନ୍ଧିତ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ହୋଇଛି ।ଦୃତ ପରିବର୍ତନଶୀଳ ଜଳବାୟୁ ପରିପ୍ରେକ୍ଷୀରେ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ଦକ୍ଷତାକୁ ଅଧିକ ଦୃଢ଼ ଓ ଶାଣିତ କରିବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା । ଏଥି ପାଇଁ ଓଡ୍ରାଫ୍, ଅଗ୍ନିଶମ ସେବା ୟୁନିଟ୍, ପାନୀୟ ଜଳ ଓ ବିଦ୍ୟୁତ ଯୋଗାଣ ୟୁନିଟ୍ ଗୁଡିକୁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉପକରଣ ଯୋଗାଇ ଦିଆଯିବ । ନିୟମିତ ବ୍ୟବଧାନରେ ତାଲିମ ଦିଆଯାଇ ସେମାନଙ୍କ ଦକ୍ଷତା ବୃଦ୍ଧି କରାଯିବ । ସମ୍ଭାବ୍ୟ ସହରାଂଚଳ ବନ୍ୟା ନିୟନ୍ତ୍ରଣ ନିମନ୍ତେ ବଡ଼ ବଡ଼ ସହରମାନଙ୍କରେ ଥିବା ଡ୍ରେନ୍ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସଠିକ୍ ଭାବେ ସଂଯୋଜିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡ୍ରେନ୍ ଗୁଡିକ ଉପରୁ ଜବର ଦଖଲ ହଟାଇବା, ଡ୍ରେନ୍ ପ୍ରଶସ୍ତିକରଣ ଏବଂ ସଂଯୋଗୀକରଣ କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ କରିବା ପାଇଁ କୁହାଯାଇଥିଲା । ବନ୍ୟାରେ ପ୍ରଭାବିତ ହେଉଥିବା ଏବଂ ଆବଶ୍ୟକ ପରିମାଣର ଆଶ୍ରୟସ୍ଥଳୀ ନଥିବା ଗ୍ରାମମାନଙ୍କୁ ଚିହ୍ନଟ କରି ସେଠାରେ ବନ୍ୟା-ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବରି, ଧାମନଗର, ଗୋପ ଆଦି ବନ୍ୟା ପ୍ରବଣ ଅଂଚଳର ବନ୍ୟା ଘେରିବନ୍ଧକୁ ଅଧିକ ଉଚ୍ଚ ଓ ଦୃଢ଼ କରିବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଥିଲା ।

ଯାଜପୁର ଓ ଗଜପତି ଜିଲ୍ଲା ପରିକ୍ରମା କଲା 'ଅହିଂସା ରଥ'

ଭୁବନେଶ୍ୱର, (ପି.ଏନ): ପରାଧୀନ ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ଆମର ପୂର୍ବସୂରୀମାନେ ଯେଉଁ ଅସୀମ ତ୍ୟାଗ ଓ ବଳିଦାନ ଦେଇଯାଇଛନ୍ତି, ତାହାକୁ ଉତ୍ତରପିଢ଼ିଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କର ସୁନ୍ଦର ପରିକଳ୍ପନା ହେଉଛି ଅହିଂସା ରଥ । ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ଅହିଂସା ରଥ ଆଜି ସୁଦ୍ଧା ୨୩ଟି ଜିଲ୍ଲା ପରିକ୍ରମା ଶେଷ ହୋଇଛି । ଏହି କ୍ରମରେ ଆଜି ଯାଜପୁର ଓ ଗଜପତି ଜିଲ୍ଲାରେ ଅହିଂସା ରଥ ପରିକ୍ରମା କରିଛି । ଯାଜପୁର ଜିଲ୍ଲାରେ ଅହିଂସା ରଥ ପରିକ୍ରମାର ଦ୍ୱିତୀୟ ଦିନରେ ଯାଜପୁରର ସଂସ୍କୃତି ଭବନ ପରିସରରେ ପହଞ୍ଚିବା ପରେ ପୌର ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣପୂର୍ବକ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଯାଜପୁର ଜିଲ୍ଲା ସ୍କୁଲ, ବରଜା ମହିଳା ମହାବିଦ୍ୟାଳୟ, ବିଡି ହାଇ ସ୍କୁଲର ଛାତ୍ରଛାତ୍ରୀମାନେ ହାତରେ ତ୍ରିରଙ୍ଗା ପତାକା ଧରି ଦେଶାତ୍ମବୋଧକ ସ୍ଲୋଗାନ ଦେଇ ରଥକୁ ସ୍ୱାଗତ ଜଣାଇଥିଲେ । ଆହ୍ୱାନ ସାଂସ୍କୃତିକ ଅନୁଷ୍ଠାନର କଳାକାର ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ସହ ସ୍ୱାଧୀନତା ସମ୍ବନ୍ଧିତ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା ।ଅହିଂସା ରଥ ସୁକିନ୍ଦା ବ୍ଲକର ଡୁବୁରି ବଜାରରେ ପହଂଚିବା ।ବୈଠକରେ ପିଏମ କେୟାର୍ସ ପାଣ୍ଠିର ଟ୍ରଷ୍ଟି ଯଥା କେନ୍ଦ୍ର ଗୃହମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ସମେତ ନୂତନ ମନୋନୀତ ଟ୍ରଷ୍ଟିମାନେ ମଧ୍ୟ ଯୋଗ ଦେଇଥିଲେ । ସେମାନେ ହେଲେ:ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ କେ ଟି ଥୋମାସ,ପୂର୍ବତନ ଲୋକସଭା ଉପବାଚସ୍ପତି ଶ୍ରୀ କରିଆ ମୁଣ୍ଡା ଓ ଟାଟାସନ୍ସର ସମ୍ମାନୀୟ ଅଧ୍ୟକ୍ଷ ରତନ ଟାଟା। ପିଏମ କେୟାର୍ସ ପାଣ୍ଠିର ଉପଦେଷ୍ଟା ମଣ୍ଡଳୀ ଗଠନ ପାଇଁ ଟ୍ରଷ୍ଟ ନିମ୍ନଲିଖିତ ସୁନାମଧନ୍ୟ ବ୍ୟକ୍ତିମାନଙ୍କୁ ମନୋନୀତ କରିବାକୁ ନିଷ୍ପତି ନେଇଛି। ସେମାନେ ହେଲେ ରାଜୀବ ମେହର୍ଷି, ପୂର୍ବତନ ଲେଖା ମହାନିୟନ୍ତକ , ଶ୍ରୀମତୀ ସୁଧା ମୂର୍ତ୍ତି ପୂର୍ବତନ ଅଧ୍ୟକ୍ଷ ଇନଫୋସିସ ଏବଂ ଆନନ୍ଦ ଶାହ ସହ ପ୍ରତିଷ୍ଠାତା ଟେକ ଫର ଇଣ୍ଡିଆ ଓ ପୂର୍ବତନ ଇଣ୍ଡିକର୍ପସ ଓ ପିରାମଲ ଫାଉଣ୍ଡେସନ ସିଇଓ ନୂତନ ଟ୍ରଷ୍ଟି ଓ ଉପଦେଷ୍ଟାମଣ୍ଡଳୀ ଯୋଗୁଁ ପିଏମ କେୟାର୍ସ ପାଣ୍ଠିର ବ୍ୟାପକ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସାଧାରଣ ଜୀବନରେ ସେମାନଙ୍କ ଦୀର୍ଘ ଅଭିଜ୍ଞତା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ଅଧିକ ଉତ୍ତରଦାୟୀ ଓ ମଜଭୁତ କରିବ ବୋଲି ସେ କହିଛନ୍ତି ।

ପରେ ଏକ ଭବ୍ୟ ଶୋଭାଯାତ୍ରାରେ ଡୁବୁରି ଛକରୁ କପିଳେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରକୁ ନିଆ ଯାଇଥିଲା । ଅତିରିକ୍ତ ବିଡ଼ିଓ, ବ୍ଲକ ଅଧ୍ୟକ୍ଷ ରଂଜିତା କୁମାରୀ ଦାସ, ସ୍ଥାନୀୟ ସରପଂଚ ସମେତ ସ୍ଥାନୀୟ ଜନସାଧାରଣ ରଥକୁ ଭବ୍ୟ ସ୍ୱାଗତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ୱାଧୀନତା ସଂଗ୍ରାମ ଓ ବଳିଦାନର ବାର୍ତା ବହନ କରୁଥିବା ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ମୁଗୁପାଳ ହାଇସ୍କୁଲଠାରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ ଦିଆଯାଇଥିଲା । ଏହି ଅବସରରେ ବରୀ ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ, ରସୁଲପୁର ବିଡ଼ିଓ ଏବଂ ତହସିଲଦାର, ପଂଚାୟତ ପ୍ରତିନିଧି ଯୋଗଦେଇ ରଥକୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏକ ବିଶାଳ ପଟୁଆରରେ ଅହିଂସା ରଥକୁ ମୁଗୁପାଳ ହାଇ ସ୍କୁଲ ପରିସରକୁ ଅଣାଯାଇଥିଲା। ଏଠାରେ ଚଳଚ୍ଚିତ୍ର ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଅହଂସା ନୀତି ଓ ଦେଶପ୍ରେମର ବାର୍ତା ପ୍ରଦର୍ଶନ କରାଯାଇଥିଲା। ଏହି ସ୍ୱାଗତ ଉତ୍ସବରେ ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ , ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ , ସରକାରୀ କର୍ମଚାରୀ , ବିଭିନ୍ନ ଅନୁଷ୍ଠାନ ଓ ଜନସାଧାରଣ ସାମିଲ ହୋଇ ପରିସରକୁ ଉତ୍ସବ ମୁଖର କରିଥିଲେ। ଉପ ନିର୍ଦ୍ଦେଶକ, କଟକ ପକ୍ଷରୁ ବୁଣାକାରମାନଙ୍କୁ ଚରଖା ବଂଟା ଯାଇଥିଲା। ପରେ କୁଆଖିଆ, ବାରବାଟି ଓ ଚଣ୍ଡିଖୋଲ ବଜାରରେ ରଥ ପରିକ୍ରମା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଆଜି ଗଜପତି ଜିଲ୍ଲାରେ ଅହିଂସା ରଥ ପରିକ୍ରମା ଆରମ୍ଭ ହୋଇଛି। ରାୟଗଡ଼ା ଜିଲ୍ଲାରୁ ଆସିଥିବା ଅହିଂସା ରଥ ଗଜପତି ଜିଲ୍ଲାର କାଶିନଗର ବ୍ଲକ୍ ଠାରେ ପହଂଚିବା ପରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ବ୍ଲକ୍ ଅଧ୍ୟକ୍ଷ, ଏନ୍ଏସି ଅଧ୍ୟକ୍ଷ, ସରପଂଚ ଏବଂ ଅନ୍ୟ ପଂଚାୟତିରାଜ ପ୍ରତିନିଧି, ବିଡ଼ିଓ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଛାତ୍ରୀମାନେ ଅହିଂସା ରଥକୁ ସ୍ୱାଗତ କରିଥିଲେ। ସେହିପରି ଅନ୍ୟ ଏକ ରଥ ଆଜି ଗୁମ୍ମା ବ୍ଲକ୍ ଓ ଗୋସାଣୀ ବ୍ଲକ୍ ଅଂଚଳ ପରିକ୍ରମା କରିଥିଲା। ପରେ ପାରଳାଖେମୁଣ୍ଡି ମୁନିସିପାଲିଟିଠାରେ ଗଜପତିର ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତ୍ରିପତି ରାଓ, ମୁନିସିପାଲିଟି ଅଧ୍ୟକ୍ଷା ଶ୍ରୀମତୀ ନମଦା ସେଠୀ, ଅତିରିକ୍ତ ଜିଲ୍ଲାପାଳ ସଂଗ୍ରାମ ଶେଖର ପଣ୍ଡା, ଗଜପତି ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ସମସ୍ତ କାଉନ୍ସିଲର, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ପ୍ରମୁଖ ଏକ ଶୋଭାଯାତ୍ରାରେ ଅହିଂସା ରଥକୁ ସ୍ୱାଗତ ଜଣାଇଥିଲେ। ଉପରୋକ୍ତ ସମସ୍ତ ସ୍ଥାନରେ ସ୍ଥାନୀୟ କଳାକାର ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭିଡ଼ିଓ ସୋ ପ୍ରଦର୍ଶିତ ହୋଇଥିଲା ।

ଜାତୀୟ ଲଜିଷ୍ଟିକ ନୀତିକୁ କ୍ୟାବିନେଟର ଅନୁମୋଦନ

ନୂଆଦିଲ୍ଲୀ, (ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଏଠାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଦେଶର ଜାତୀୟ ଲଜିଷ୍ଟିକ୍ ନୀତିକୁ ଅନୁମୋଦନ ପ୍ରଦାନ କରାଯାଇଛି । ଲଜିଷ୍ଟିକ୍ ବା ସମ୍ଭାରତନ୍ତ୍ର ଏବଂ ଏହାର ପରିବେଶକୁ ଆନ୍ତଃ ବିଷୟକ, ବିଭିନ୍ନ କ୍ଷେତ୍ର ଭିତ୍ତିକ, ପୂର୍ଣ୍ଣାଙ୍ଗ ଏବଂ ସୁସଂହତ କରିବା ଏହି ନୀତିର ଲକ୍ଷ୍ୟ । ସାମଗ୍ରୀ ଓ ରସଦ ଯୋଗାଣ କ୍ଷେତ୍ରରେ ଲଜିଷ୍ଟିକ୍ ବ୍ୟବସ୍ଥାର ଗୁରୁତ୍ୱ ଅଧିକ । ଏହା ଯୁଗ ଉପଯୋଗୀ, ସୁଂସହତ ଏବଂ ପୂର୍ଣ୍ଣାଙ୍ଗ ନ ହେଲେ ବିକାଶ ପ୍ରକ୍ରିୟା ଆଗେଇ ପାରିବ ନାହିଁ । ସେ ଦୃଷ୍ଟିରୁ ନୂଆ ଲଜିଷ୍ଟିକ୍ ନୀତିର ପ୍ରଣୟନ ଓ ପ୍ରବର୍ତ୍ତନର ଆବଶ୍ୟକତା ରହିଛି । ଏହି ନୀତିରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜାତୀୟ ଗତିଶକ୍ତି ମାଷ୍ଟର ପ୍ଲାନକୁ ପ୍ରଶଂସା କରାଯାଇ ତଦନୁସାରେ ବିଧିବ୍ୟବସ୍ଥା ପ୍ରସ୍ତୁତ ହୋଇଛି । ପ୍ରଧାନମନ୍ତ୍ରୀ ଜାତୀୟ ଗତିଶକ୍ତି ମାଷ୍ଟର ପ୍ଲାନରେ ସମନ୍ୱିତ ଭିତ୍ତିଭୂମି ବିକାଶ ଗୁରୁତ୍ୱ ପାଇଛି । ଅତଏବ ତାହାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଥିବା ନୂଆ ଜାତୀୟ ଲଜିଷ୍ଟିକ ନୀତିରେ ଲଜିଷ୍ଟିକ୍ ସେବାରେ ଦକ୍ଷତା ବୃଦ୍ଧି, ମାନବ ସମ୍ବଳର ଉପଯୁକ୍ତ ବିକାଶ, ଉଚ୍ଚ ଶିକ୍ଷା କ୍ଷେତ୍ରରେ ଲଜିଷ୍ଟିକ୍ସକୁ ଅନ୍ତର୍ଭୁକ୍ତ କରିବା ଏବଂ ଉପଯୁକ୍ତ ଟେକ୍?ନୋଲୋଜିର ପ୍ରୟୋଗ ଆଦିକୁ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ଏହି ନୀତିର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହେଲା- ୧) ଭାରତରେ ଲଜିଷ୍ଟିକର ମୂଲ୍ୟ ହ୍ରାସ କରି ୨୦୩୦ ସୁଦ୍ଧା ବିଶ୍ୱସ୍ତରୀୟ ମାନକ ପ୍ରସ୍ତୁତ କରିବା ,

୨) ଲଜିଷ୍ଟିକ୍ ପରର୍ଫମାନ୍ସ ଇଣ୍ଡେକ୍ସ ର୍ୟାଙ୍କିଙ୍ଗରେ ଉନ୍ନତି ଆଣି ୨୦୩୦ ସୁଦ୍ଧା ଏ କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ୨୫ ରାଷ୍ଟ୍ର ମଧ୍ୟରେ ରହିବା ଏବଂ

୩) ଲଜିଷ୍ଟିକ ପରିତନ୍ତ୍ର ନିର୍ମାଣ ପାଇଁ ଏକ ଡାଟା ପରିଚାଳିତ ନିଷ୍ପତ୍ତି ଗ୍ରହଣ ବ୍ୟବସ୍ଥା ତିଆରି କରିବା ।

ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ, ସମ୍ପୃକ୍ତ ବିଭିନ୍ନ ପକ୍ଷଙ୍କ ସହ ଏକାଧିକ ବାର ବିଚାର ଆଲୋଚନା ପରେ ଏହି ନୂଆ ଜାତୀୟ ଲଜିଷ୍ଟିକ୍ ନୀତି ପ୍ରସ୍ତୁତ ହୋଇଛି । ଏଥିରେ ଉଦ୍ୟୋଗ ଜଗତକୁ ସାମିଲ କରାଯାଇ ନୂଆ ନୀତିକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଲଜିଷ୍ଟିକ୍ ନୀତିରେ ପରିଣତ କରିବାକୁ ବ୍ୟବସ୍ଥା କରାଯାଇଛି । ଏକ ସମନ୍ୱିତ ପ୍ରୟାସ ମାଧ୍ୟମରେ ଏହି ନୂଆନୀତିକୁ କାର୍ଯ୍ୟକାରୀ କରାଯିବ । ନୂଆନୀତିରେ ବର୍ତ୍ତମାନର ଆନୁଷ୍ଠାନିକ ବ୍ୟବସ୍ଥାକୁ ଅନୁର୍ଭୁକ୍ତ କରାଯାଇଛି । ଏହାର ଅର୍ଥ ପିଏମ୍ ଗତିଶକ୍ତି ଯୋଜନାର କାର୍ଯ୍ୟକାରିତା ପାଇଁ ଗଠିତ କ୍ଷମତା ସମ୍ପନ୍ନ ସଚିବ ସ୍ତରୀୟ ଗୋଷ୍ଠୀ ନୂଆ ନୀତିରେ ତାହାର ଦାୟିତ୍ୱ ଓ କାର୍ଯ୍ୟ କରିବାର ସୁଯୋଗ ପାଇବ । ଏହି ଗୋଷ୍ଠୀ ଏକ ସେବା ବିକାଶ (ଉନ୍ନୟନ) ଗୋଷ୍ଠୀ ଗଠନ କରିବ । ଏହା ନେଟୱାର୍କ ପ୍ଲାନିଂ ଗ୍ରୁପ ଢାଞ୍ଚାରେ ଗଠିତ ହେବ ଏବଂ ନୀତିର ପ୍ରକ୍ରିୟା, ନିୟାମକ ବ୍ୟବସ୍ଥା, ଡିଜିଟାଲ ଉନ୍ନୟନ ଓ ତଦାରଖ କାର୍ଯ୍ୟ ଦେଖିବ । ଯେଉଁ ସବୁ କ୍ଷେତ୍ର ଓ ବିଭାଗ ଜାତୀୟ ଗତିଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହିଁ , ସେସବୁକୁ ଲଜିଷ୍ଟିକ୍ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରିବା କାମ ଏହି ନୂଆ ଗୋଷ୍ଠୀ କରିବ ।ଏହି ନୂଆନୀତି କାର୍ଯ୍ୟକାରୀ ହେବା ଦ୍ୱାରା ଦେଶରେ ଲଜିଷ୍ଟିକ ଖର୍ଚ୍ଚ ହ୍ରାସ ପାଇବ । ସ୍ୱତନ୍ତ୍ର ଯୋଜନା ଦ୍ୱାରା ଦେଶରେ ପଣ୍ୟାଗାରଗୁଡିକର ବିକାଶ ସହିତ ନୂଆ ନୂଆ ପଣ୍ୟାଗାର ସ୍ଥାପନ କରାଯିବ । ଲଜିଷ୍ଟିକ୍ସର ମାନ ନିର୍ଦ୍ଧାରଣ ଓ ଏହାର ବିକାଶ, ଡିଜିଟାଇଜେସନ, ଅଟୋମେସନ୍, ଉତ୍ତମ ଯୋଗାଣ ଶୃଙ୍ଖଳା ସୃଷ୍ଟି ତଥା ଟ୍ରାକ୍ ଓ ଟ୍ରେସ ବ୍ୟବସ୍ଥାକୁ ସୁସଂହତ କରିବା, ବିବାଦର ତ୍ୱରିତ ସମାଧାନ, ମାନବ ସମ୍ବଳର ବିକାଶ, ଦକ୍ଷତା ନିର୍ମାଣ, ବିଭିନ୍ନ ବିଭାଗ ଓ ସମ୍ପୃକ୍ତ ପକ୍ଷଙ୍କ ସହିତ ଉତ୍ତମ ସମନ୍ୱୟ ରକ୍ଷା ଉପରେ ନୂଆନୀତିରେ ଗୁରୁତ୍ୱ ଦିଆଯାଇଛି । ନୂଆନୀତିରେ ତତ୍କାଳ କେତେକ ପଦକ୍ଷେପ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା ରହିଛି । ଏହା ଫଳରେ ଏବେ କ୍ଷେତ୍ର ବା ସ୍ଥଳ ବିଶେଷରେ ଯେଉଁ ସବୁ ଅସୁବିଧା ଲଜିଷ୍ଟିକ୍ସ ବାବଦରେ ରହିଛି ତାହାର ଆଶୁ ସମାଧାନ ହୋଇପାରିବ । ନୂଆନୀତିର ସୁଫଳ ଯେପରି ତୁରନ୍ତ ମିଳିପାରିବ ସେଥିପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ତୁରନ୍ତ ଗ୍ରହଣ କରାଯିବ । ସେଥିମଧ୍ୟରେ ରହିଛି ଏକ ଏକୀକୃତ ଲଜିଷ୍ଟିକ୍ସ ଇଣ୍ଟରଫେସ୍ ପ୍ଲାଟଫର୍ମ ଗଠନ, ପଣ୍ୟାଗାର ଗୁଡିକ ନିମନ୍ତେ ଏକ ଇ-ଲ୍ୟାଣ୍ଡବୁକ୍ ପ୍ରସ୍ତୁତି, ଆଇ-ଗଟ୍ ପ୍ଲାଟଫର୍ମରେ ପିଏମ୍ ଗତିଶକ୍ତି ଓ ଲଜିଷ୍ଟିକ୍ସ ସମ୍ପର୍କରେ ତାଲିମ ପାଠ୍ୟକ୍ରମ ପ୍ରବର୍ତ୍ତନ । ଏସବୁକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ । ଏହି ନୂଆନୀତିରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସାମିଲ କରାଯାଇଛି । ଜାତୀୟ ଲଜିଷ୍ଟିକ୍ ନୀତି ଅନୁସାରେ ଇତି ମଧ୍ୟରେ ୧୪ଟି ରାଜ୍ୟ ସେମାନଙ୍କର ଲଜିଷ୍ଟିକ୍ ନୀତି ପ୍ରସ୍ତୁତ କରିସାରିଛନ୍ତି । ଅନ୍ୟ ୧୩ଟି ରାଜ୍ୟର ନୀତି ଏବେ ଚିଠା ସ୍ତରରେ ରହିଛି । କେନ୍ଦ୍ରରେ ପିଏମ ଗତିଶକ୍ତି ଏହି ବ୍ୟବସ୍ଥାରେ ଆନୁଷ୍ଠାନିକଭାବେ ମୁଖ୍ୟ ଦାୟିତ୍ୱରେ ରହିବ । ରାଜ୍ୟମାନଙ୍କର ନୂଆ ନୀତିର କାର୍ଯ୍ୟକାରିତାକୁ ତଦାରଖ କରିବା ଦାୟିତ୍ୱ ଏହା ଉପରେ ନ୍ୟସ୍ତ । ଏହା ଦ୍ୱାରା ସମଗ୍ର ଦେଶରେ ସମ୍ପୃକ୍ତ ପକ୍ଷଙ୍କ ମଧ୍ୟରେ ସୁମନ୍ୱୟ ରହିବ ଏବଂ ଲଜିଷ୍ଟିକ୍ ନୀତିରେ କାର୍ଯ୍ୟକାରିତା ସୁଗମ ହୋଇପାରିବ ।ଗତିଶକ୍ତି ଯୋଜନାର ଲାଭ ଏମ୍ଏସ୍ଏମ୍ଇ ଓ ଚାଷୀମାନେ ଯେପରି ଅଧିକ ପାଇପାରିବେ ସେଥିପାଇଁ ନୂଆ ଲଜିଷ୍ଟିକ ନୀତିରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଆହୁରି ମଧ୍ୟ ଇଲେକ୍?ଟ୍ରୋନିକ୍ସ ସାମଗ୍ରୀ ଓ ନୂଆ କରି ଅଧିକ ବଜାର ଚାହିଦା ସୃଷ୍ଟି କରୁଥିବା ସାମଗ୍ରୀକୁ ଖାଉଟିଙ୍କ ପାଖରେ ଆବଶ୍ୟକ ପରିମାଣରେ ପହଞ୍ଚାଇବାକୁ ନୂଆ ଯୋଜନାର ବ୍ୟବସ୍ଥା ରହିଛି । ଯୋଗାଣ ଶୃଙ୍ଖଳାକୁ ସ୍ୱଚ୍ଛ, ଦକ୍ଷ, ତ୍ୱରିତ ଓ ପାରଦର୍ଶୀ କରିବାକୁ ନୂଆନୀତିରେ ଗୁରୁତ୍ୱ ଦିଆଯାଇଛି । ଏହା ଫଳରେ ଭଣ୍ଡାରଣ ବ୍ୟବସ୍ଥାରେ ଉନ୍ନତି ଘଟିବ ଏବଂ ସାମଗ୍ରୀର ଅଭାବ ବା ଅପଚୟ ହେବ ନାହିଁ । ସର୍ବୋପରି ନୂଆ ବ୍ୟବସ୍ଥାରେ ସାମଗ୍ରୀର ମୂଲ୍ୟ ସୁଲଭ ହେବ । କୃତ୍ରିମ ଅଭାବର ଅବସାନ ଘଟିବା ଫଳରେ ଖାଉଟି ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ବିଶ୍ୱ ଯୋଗାଣ ଶୃଙ୍ଖଳାରେ ନିବିଡଭାବେ ସମନ୍ୱିତ ହେବା ପାଇଁ ନୂଆ ନୀତିରେ ଗୁରୁତ୍ୱ ଦିଆଯାଇଛି । ଏହାଫଳରେ ବିଶ୍ୱ ବାଣିଜ୍ୟ କାରବାରରେ ଭାରତର ଅଂଶ ବଢିବ ଏବଂ ଏହା ଦ୍ୱାରା ଭାରତର ଅର୍ଥନୀତିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ।ଲଜିଷ୍ଟିକ ମୂଲ୍ୟ ହ୍ରାସ କରି ବୈଶ୍ୱିକ ମାନଦଣ୍ଡ ହାସଲ କରିବା ନୂଆ ନୀତିର ଲକ୍ଷ୍ୟ । ଏହା ସମ୍ଭବ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Friday September 23, 2022 | ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୨୩,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଜିଲ୍ଲାସ୍ତରୀୟ ଜଙ୍ଗଲ ସୁରକ୍ଷା ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ

କେନ୍ଦୁଝର,(ପି.ଏନ): ଜିଲ୍ଲାସ୍ତରୀୟ ଜଙ୍ଗଲ ସୁରକ୍ଷା ସମନ୍ୱୟ କମିଟିର ବୈଠକ ଚଳିତ ସେପ୍ଟେମ୍ବର ୨୨ ତାରିଖ ଗୁରୁବାର ଦିନ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଉଦ୍‌ବୋଧନ ଛଳରେ କହିଥିଲେ ଯେ ଜଙ୍ଗଲ,ବନ୍ୟଜନ୍ତୁ ଓ ପରିବେଶ ର ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏହି ପ୍ରସଙ୍ଗ ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି । ଏଣୁ ଜଙ୍ଗଲ, ହାତୀ ସମେତ ଅନ୍ୟ ବନ୍ୟଜନ୍ତୁ ତଥା ପରିବେଶର ସୁରକ୍ଷା ପାଇଁ ବିଭିନ୍ନ ବିଭାଗ, ଅନୁଷ୍ଠାନ ଓ ସଂଗଠନ ମଧ୍ୟରେ ଉତମ ସମନ୍ୱୟ ରହିବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ ଏବଂ ଏ ଦିଗରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ । କିଛିଦିନ ପୂର୍ବରୁ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଦୁଇଟି ହାତୀର ମୃତ୍ୟୁ ଘଟଣା ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଥିଲା । ଏଣୁ ହାତୀ ମୃତ୍ୟୁ ଏଡାଇବା ପାଇଁ ବିଦ୍ୟୁତ ବିଭାଗ ତୁରନ୍ତ ବିଦ୍ୟୁତ ଲାଇନ୍ କେବୁଲିଂ କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ତାଗିଦ୍ କରିଥିଲେ । ଏତଦ୍‌ବ୍ୟତୀତ ଜାତୀୟ ରାଜପଥ କତୃପକ୍ଷ ଏବଂ ରେଳବାଇ କତୃପକ୍ଷ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ବିକାଶ ର ପ୍ରକ୍ରିୟାରେ ରାସ୍ତା, ରାଜପଥ, ରେଳ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ଚାଲୁ ରହିଛି । ଏହା ସହିତ ଜଙ୍ଗଲ, ବନ୍ୟଜନ୍ତୁ ଓ ପରିବେଶର ସୁରକ୍ଷା ମଧ୍ୟ ସମସ୍ତଙ୍କର ଦାୟିତ୍ୱ ଓ କର୍ତବ୍ୟ ବୋଲି ଜିଲ୍ଲାପାଳ କହିଥିଲେ । ଏହାପରେ କମିଟିର ଆବାହକ ତଥା ଡି.ଏଫ୍.ଓ. ଧନରାଜ ଏଚ୍.ଡି. ଜିଲ୍ଲାସ୍ତରୀୟ ଜଙ୍ଗଲ ସୁରକ୍ଷା ସମନ୍ୱୟ କମିଟିର ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରି କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରିଥିଲେ । ବିଶେଷତଃ ରେଲୱେ ଲାଇନ,ରାଜପଥ ଏବଂ ବିଦ୍ୟୁତ ଲାଇନ ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁବରଣ କରୁଛନ୍ତି । ଏଣୁ ଏ ଦିଗରେ ବିଶେଷ ଦୃଷ୍ଟି ରଖି ବିହିତ ପଦକ୍ଷେପ ନେବାକୁ ବିଭାଗୀୟ କତୃପକ୍ଷଙ୍କୁ କହିଥିଲେ । ବାସୁଦେବପୁର ଠାରେ ହାତୀ ଯାତାୟତ ପାଇଁ ଅଣ୍ଡର ପାସ୍ ନିର୍ମାଣର ଆବଶ୍ୟକତା, ମେଟାଲ ବାରିକେଡିଂ ହଟାଇବା, ଗର୍ତଗୁଡିକରେ ବାରିକେଡିଂ ବ୍ୟବସ୍ଥାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏବଂ ଏହି ମର୍ମରେ ଜାତୀୟ ରାଜପଥ କତୃପକ୍ଷ ଆଶୁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଖଣି ଅଂଚଳରେ ଖଣି ଖନନ ଯୋଗୁଁ ସୃଷ୍ଟି ହୋଇଥିବା ଗର୍ତ ଗୁଡିକରେ ସୁରକ୍ଷା ବାଡ ବ୍ୟବସ୍ଥା ପାଇଁ ଖଣି କତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ରାଜପଥରେ ହାତୀ ଯାତାୟତ କରୁଥିବା ସ୍ଥାନ ମାନଙ୍କର ତାଲିକା ବନବିଭାଗ ପ୍ରଦାନ କଲେ ସେହି ସ୍ଥାନମାନଙ୍କରେ ଗାଡି ପାର୍କିଂ ନକରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ହାତୀ ମୃତ୍ୟୁ ଏଡାଇବା ପାଇଁ ରେଲୱେ ଲାଇନର ଦୁଇ ପାର୍ଶ୍ୱ ସଫା ରଖିବା ସହିତ ସାଇନେଜ ଲଗାଇବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ରେଳବାଇ କ□ପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦୁଝର ଜିଲାର ବନାଂଚଳ ମାନଙ୍କରେ ହାତୀ ବିଚରଣ କରୁଥିବାରୁ ହାତୀ ଯାତାୟତ ପଥ ଦେଇ ଯାଇଥିବା ବିଦ୍ୟୁତ ଲାଇନ୍ ଗୁଡିକୁ କେବୁଲିଂ କରାଯିବା ପ୍ରକ୍ରିୟା ଅତି ମନ୍ଥର ହୋଇଥିବାରୁ ଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିଥିଲେ ଏବଂ ବାକିଥିବା କେବୁଲିଂ କାର୍ଯ୍ୟ ନିମନ୍ତେ ତ୍ୱରିତ କାର୍ଯ୍ୟାଦେଶ ପ୍ରଦାନ କରି ଯଥାଶୀଘ୍ର ଅସଂପୂର୍ଣ୍ଣ କାମ ଶେଷ କରିବା ନିମନ୍ତେ ଟିପିଏନ୍‌ଓଡିଏଲ୍ ର ଅଧିକ୍ଷଣ ଯନ୍ତ୍ରୀଙ୍କୁ ତାଗିଦ କରିଥିଲେ । ଏ ସଂପର୍କରେ ଡି.ଏଫ୍.ଓ. ଟିପିଏନ୍‌ଇଡିଏଲ ର ସିଇଓଙ୍କ ସହିତ ଯୋଗସୂତ୍ର ରକ୍ଷା କରି କେବୁଲିଂ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ । ଏତଦ୍‌ବ୍ୟତୀତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅହେତୁକ ବିଦ୍ୟୁତ କାଟ୍ ନେଇ ଅଭିଯୋଗମାନ ଆସୁଥିବାରୁ ହାତୀ ଯାତାୟତ କରୁଥିବାବେଳେ ସଂପୃକ୍ତ ଅଂଚଳରେ କେବଳ ଆବଶ୍ୟକତା ଅନୁଯାୟୀ ବିଦ୍ୟୁତ କାଟ କରିବାକୁ ଏବଂ ମନଇଚ୍ଛା ବିଦ୍ୟୁତ କାଟ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୋଡୁ ଚାଷର ବିକଳ୍ପ ଚାଷ ବ୍ୟବସ୍ଥା ଏବଂ ଏଥି ନିମନ୍ତେ ଜନ ସଚେତନତା ସୃଷ୍ଟି, ହାତୀ ଆକ୍ରମଣରେ ମୃତ୍ୟୁବରଣ କରିବା କ୍ଷେତ୍ରରେ ଉତରାଧିକାରୀ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ତଦନ୍ତ ପ୍ରକ୍ରିୟାକୁ ସୁଗମ କରିବା,ସହାୟତା ରାଶି ପ୍ରଦାନ, ଘରଭଙ୍ଗା କ୍ଷତିପୂରଣ, ଜଙ୍ଗଲ ଅଧିକାର ନିୟମ ଅନୁଯାୟୀ ହିତାଧିକାରୀଙ୍କୁ ସତ୍ୱ ପ୍ରଦାନ,ଜନବସତି ଅଂଚଳରେ ହାତୀ ଚଳାଚଳ କରୁଥିବାବେଳେ ଜନଗହଳି ଏଡାଇବା ଓ ଆଇନଶୃଙ୍ଖଳା ରକ୍ଷା ଇତ୍ୟାଦି ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ବନବିଭାଗୀୟ ଅଧିକାରୀ, ପୂର୍ତ, ଗ୍ରାମ୍ୟ ଉନ୍ନୟନ, ଜାତୀୟ ରାଜପଥ, ରେଳବାଇ, ବିଦ୍ୟୁତ ବିଭାଗ (ଟିପିଏନ୍‌ଓଡିଏଲ୍), ଖଣି,ଅଗ୍ନିଶମ, ପ୍ରଦୂଷଣ ନିୟନ୍ତ୍ରଣ, ଆଇଟିଡିଏ, ପଶୁସଂପଦ ବିକାଶ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନ, ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର +୨ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦର୍ପଣ, (ପିଏନ): ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର +୨ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଧନା ଉତ୍ସବ ଗୁରୁବାର ମହାବିଦ୍ୟାଳୟର ନବମାଳତୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ସମ୍ବର୍ଧନା ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ମନୋଜ କୁମାର ଦାସ ଅଧ୍ୟକ୍ଷତା କରିଥିଲେ । ନବାଗତ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଶୃଙ୍ଖଳାଜ୍ଞାନ, ଆଚରଣ ଉଚ୍ଚାରଣ, ସମୟାନୁବର୍ତ୍ତିତା ଓ କର୍ତବ୍ୟନିଷ୍ଠତା ହେବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଅଧକ୍ଷ ଡକ୍ଟର ଦାସ ଉପଦେଶ ଦେଇଥିଲେ ।ଏଥିରେ କ୍ୟାରିଅର କାଉନସେଲିଂର ସଂଯୋଜକ ଅଧ୍ୟାପକ ଡକ୍ଟର ପ୍ରମୋଦ କୁମାର ଦାସ,ଅଧ୍ୟାପକ ଦୋଳଗୋବନ୍ଦ ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନର ନିୟମକାନୁନ ଓ ପରମ୍ପରାକୁ ମାନିନେବାକୁ ପରାମର୍ଶ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମପକ୍ଷ ଅବସରରେ ରକ୍ତଦାନ ଶିବିର

ଯୋଡା,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମପକ୍ଷ ଅବସରରେ ଯୋଡା ଠାରେ ବିଜେପି ସଂଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଗୁରୁବାର ଯୋଡାସ୍ଥିତ ଟାଟା ଷ୍ଟିଲ ଅଡିଟୋରିଅମ୍‌ରେ ଆୟୋଜିତ ଏହି ରକ୍ତଦାନ ଶିବିରଟି ସକାଳ ୧୦ ଘଟିକାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଚାଲୁଥିବା ଦେଖିବାକୁ ମିଳିଥିଲା । ଏହି ଶିବିରଟିରେ ଦଳିୟ କର୍ମକ□ା ସ୍ୱଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଚମ୍ପୁଆ ବିଧାନସଭା ନେତା ମୁରଲି ମନୋହର ଶର୍ମାଙ୍କ ନେତୃତ୍ୱରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇପାରିଥିଲା । ଶିବିରଟିରେ ଯୋଡା ମଣ୍ଡଳ ସଭାପତି ସୁଶାନ୍ତ କୁମାର ବେବ□ାଙ୍କ ଅଧ୍ୟକ୍ଷତାରେ ଜିଲା ଉପସଭାପତି ଓ ଚମ୍ପୁଆ ବିଧାନସଭା ସଂଯୋଜକ ଦେବିପ୍ରସାଦ ମିଶ୍ର, ଓବିସି ମୋର୍ଚ୍ଚା ସଂଯୋଜକ ଚର୍ଚ୍ଚିଲ ମହାକୁଡ, ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ ପ୍ରକାଶ ମଲ୍ଲିକ, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଶ୍ରଦ୍ଧାଳୀ କର, ୨୮ନଂ ଜୋନ ଜିଲା ପରିଷଦ ଡମ୍ବରୁଧର କୁଦାଦାଃ, ଆଦିବାସୀ ମୋର୍ଚ୍ଚା ଜିଲା ଉପସଭାପତି ପୁରୁଷୋ□ମ ଗାଗରାଇ, ଚମ୍ପୁଆ ଗ୍ରାମୀଣ ମଣ୍ଡଳ ସଭାପତି ଚନ୍ଦ୍ର ସେଖର ମହାନ୍ତ, ପାର୍ଥ ସାରଥି ଷଡଙ୍ଗି, ମହାବୀର ଶର୍ମା, ଯୋଡା ନଗରର ସମସ୍ତ ବିଜେପି କାଉନସିଲର, ଫୁଲମଣୀ ଟୁଡୁ, ଅମିତା ଭୌମିକ, ସାହିଲ ପରିଡା, ସୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଶିବିରଟିକୁ ପରିଚାଳନା କରିଥିଲେ ।

ବର୍ଷକର ଖୁରିଙ୍ଗ ଛୁଆ ଉଦ୍ଧାର

ଦର୍ପଣ ,(ପିଏନ):ଗୁରୁବାର ବାରୁଣାବନ୍ତ ପର୍ବତ ମଧ୍ୟ ଭାଗର ଏକ ଜଙ୍ଗଲରୁ ଏକ ଖୁରିଙ୍ଗ ଛୁଆ ଉଦ୍ଧାର ହୋଇଛି.ଖୁରିଙ୍ଗଟି ନିକଟରେ ଥିବା ଏକ ବୁଦା ଗଛରେ ପଶିଯାଇ ବାହାରିପାରୁନଥିଲା । ସେହି ବାଟେ ସକାଳ ଭ୍ରମଣ କରିବାକୁ ଯାଇଥିବା ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ବିଶ୍ୱାଳ ଖୁରିଙ୍ଗଟିର ଚିକ୍‌ାର ଶୁଣି ତାକୁ ଗଛରେ ଛନ୍ଦି ହେଇଥିବା ଦେଖିବାକୁ ପାଇଥିଲେ.ସାହସର ସହିତ ଖୁରିଙ୍ଗଟିକୁ ସେ ସେଠାରୁ ବାହାରକରି ନିଜ ଘରେ ତାର ପ୍ରାଥମିକ ଚିକିତ୍ସା କରି ନିକଟସ୍ଥ ବନପାଳ ଶଶିକଣ୍ଠ ବେହେରାଙ୍କୁ ଖବର ଦେଇଥିଲେ ପରେ ବନବିବିଭାଗର କର୍ମଚରାଇମାନେ ସେଠାରେ ପହଂଚି ତାକୁ ନିକଟସ୍ଥ ଜଙ୍ଗଲରେ ଛାଡିଥିଲେ ।

ଗେଟ ଆଶାୟୀଙ୍କ ପାଇଁ ସର୍ବୋତମ ଅଫର ଆଣିବା ପାଇଁ ଅନାଏକାଡେମି ଓ ଗେଟ ଏକାଡେମି ମିଳିତ ହୋଇଛନ୍ତି

ଭୁବନେଶ୍ୱର,(ପି.ଏନ): ୨୦୨୨- ଅନାଏକାଡେମି, ଭାରତର ସର୍ବ ବୃହତ ଶିକ୍ଷଣ ପ୍ଲାଟଫର୍ମ, ଗେଟ ପରୀକ୍ଷା ପ୍ରସ୍ତୁତି ପାଇଁ ଏକ ଅଭିନୀ ପରୀକ୍ଷା ପ୍ରସ୍ତୁତି ପ୍ଲାଟଫର୍ମ ଗେଟ ଏକାଡେମି ସହିତ ସହଭାଗୀତା ଘୋଷଣା କରିଛି । ଏହା ଦ୍ୱାରା ଗୋଟିଏ ଛାତ ତଳେ ଭାରତର ସର୍ବୋଚ୍ଚ ଶିକ୍ଷାବିତଙ୍କ ଦ୍ୱାରା ସର୍ବୋତମ ଶିକ୍ଷା ପଦ୍ଧତି ଜରିଆରେ ଗେଟ ପାଇଁ ପ୍ରସ୍ତୁତ ହେଉଥିବା ଶିକ୍ଷାର୍ଥୀମାନଙ୍କୁ ଉପଯୁକ୍ତ ଦିଗଦର୍ଶନ ପ୍ରଦାନ କରିବ । ଶିକ୍ଷାର ବିମୁଦ୍ରୀକରଣ କରିବା ଓ ଉଚ୍ଚମାନର ବିଷୟବସ୍ତୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ଗେଟ ଏକାଡେମି ସହିତ ଅନାଏକାଡେମିର ସହଭାଗିତା ଏକ ଗୁରୁତ୍ୱ ପୂର୍ଣ୍ଣ ପଦକ୍ଷେପ ବହନ କରେ ଏବଂ ଉଭୟ ଗେଟ ଏକାଡେମି ଓ ଅନାଏକାଡେମି ଶିକ୍ଷାର୍ଥିମାନେ ସର୍ବୋତମ ଗୁଣବତା ବିଷୟବସ୍ତୁ ଆହରଣ କରିବାକୁ ସକ୍ଷମ ହୋଇ ପାରିବେ ।ଏହି ସହଯୋଗର ଏକ ଅଂଶ ଭାବରେ ଭାରତର ଅନ୍ୟତମ ଅଗ୍ରଣୀ ଗେଟ ଶିକ୍ଷାବିତ ଉମେଶ ଧାଣ୍ଡେ ଭାଇସ ପ୍ରେସିଡେଂଟ, ଏକାଡେମିକ୍, ଗେଟ ଏବଂ ଇଏସଇ ଭାବରେ ଯୋଗ ଦେଇଛନ୍ତି । ଅନାଏକାଡେମି ପ୍ଲାଟଫର୍ମରେ ଗେଟ ଏକାଡେମି ଦଳ ଦ୍ୱାରା କ୍ୟୁରେଟ ହୋଇଛି ଯାହା ୨୫ ସେପ୍ଟେମ୍ବର ୨୦୨୨ର ୧୧ ଘ. ସମୟରେ ଅନୁଷ୍ଠିତ ହେବ । ଗେଟରେ ଭାଗ ନେଉଥିବା ଆଶାୟୀମାନେ ଟ. ୩୦ କୋଟି ପର୍ଯ୍ୟନ୍ତ ଛାତ୍ରବୃତି ଓ ପୁରସ୍କାର ପାଇବାକୁ ଯୋଗ୍ୟ ହେବେ । ପୁନଶ୍ଚ ଶୀର୍ଷ ସ୍ଥାନୀୟ ର୍ୟାଙ୍କଧାରୀ ମଧ୍ୟ ଏକ ବର୍ଷ ଅନାଏକାଡେମି ବୃତି ଓ ଶୀର୍ଷ ୩୦୦୦ ର୍ୟାଙ୍କଧାରୀଙ୍କୁ ମାଗଣା ଗେଟ ୨୦୨୩ ପରୀକ୍ଷା ପିକରଣ ଓ ଆହୁର ଆକର୍ଷଣୀୟ ପୁରସ୍କାର ପାଇ ପାରିବେ । ବର୍ତମାନ ଅନାଏକାଡେମି ୩୮୦୦ ପାଠ୍ୟକ୍ରମ ଗେଟରେ ଓ ଇଏସଇ ଆଶାୟୀଙ୍କ ପାଇଁ ଚିହ୍ନିତ ଶାଖା ଯଥା କଂପ୍ୟୁଟର ବିଜ୍ଞାନ, ମେକାନିକାଲ, ସିଭିଲ, ଇଲେକ୍‌ଟ୍ରୋନିକ୍‌ସ ଓ କମ୍ୟୁନିକେଶନ ତଥା କେମିକାଲ ଉପରେ ଶିକ୍ଷା ପ୍ରଦାନ କରୁଛି ।

ସ୍ୱାଧିନତା ଆନ୍ଦୋଳନରେ ଓଡିଶାର ଅବଦାନ ଓ ମହାତ୍ମା ଗାନ୍ଧୀଙ୍କ ପ୍ରଭାବ

ଆନନ୍ଦପୁର , (ପି.ଏନ):ଆନନ୍ଦପୁର ମହାବିଦ୍ୟାଳୟରେ ସ୍ୱାଧୀନତା ଆନ୍ଦୋଳନରେ ଓଡିଶାର ଅବଦାନ ଓ ମହାତ୍ମା ଗାନ୍ଧୀଙ୍କ ପ୍ରଭାବ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଇଂରାଜୀ ଓ ଓଡିଆ ପ୍ରବନ୍ଧ, ତର୍କ, ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗତାରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ପ୍ରାଧ୍ୟାପିକା ଶ୍ରୀଲେଖା ସାହୁ, ଅଧ୍ୟାପକ ରଘୁଦିପ୍ତୀ ନାୟକ, ଡଃ ରବୀନ୍ଦ୍ର କୁମାର ସାହୁ, ଅଧ୍ୟାପିକା ହେମା ଗୁପ୍ତା, ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ନାୟକ, ନାରାୟଣ ହେମ୍ରମ, ଓଜେଲ ପଟ୍ଟନାୟକ ପ୍ରମୁଖ ବିଚାରକ ରୂପେ ଯୋଗ ଦେଇଥିଲେ ।

ଆଦିବାସୀ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ଜେଏସ୍‌ପି ଫାଉଣ୍ଡେସନ ଦ୍ୱାରା ସିଲାଇ ତାଲିମ୍ ଓ ଉତ୍ପାଦନ କେନ୍ଦ୍ରର ଶୁଭାରମ୍ଭ

ଯୋଡା,(ପି.ଏନ):ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ସାମାଜିକ ଶାଖା, ଜେଏସ୍‌ପି ଫାଉଣ୍ଡେସନ ନିକଟରେ ବଡବିଲର ଦେଓଝର ଗ୍ରାମ ପଂଚାୟତରେ ଥିବା ଜେଏସ୍‌ପି ପେଲେଟ ପ୍ଲାଣ୍ଟର ଜନ ଜୀବିକା କେନ୍ଦ୍ରରେ ଏକ ସିଲାଇ ତାଲିମ୍ ଓ ଉତ୍ପାଦନ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି । ଏହି କେନ୍ଦ୍ରକୁ ପେଲେଟ ପ୍ଲାଣ୍ଟର ମୁଖ୍ୟ ଶ୍ରୀ ବ୍ରିଜ୍ ବଧଦ୍ର, ଦେଓଝର ଗ୍ରାମ ପଂଚାୟତ ସରପଂଚ, ଧ୍ରୁବ ଚରଣ ନାୟକ ଏବଂ ପଂଚାୟତ ସମିତି ସଦସ୍ୟା ଶ୍ରୀମତୀ ଲକ୍ଷ୍ମୀ ମୁଣ୍ଡାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ । ଜେଏସପି ଫାଉଣ୍ଡେସନର ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମର ଅଂଶ ଭାବରେ ଏହି କେନ୍ଦ୍ର ଆଦିବାସୀ ମହିଳା ମାନଙ୍କ ପାଇଁ ଗୁଣାତ୍ମକ ତାଲିମ୍ ଏବଂ ସେମାନଙ୍କ ସ୍ଥାୟୀ ଜୀବିକା ନିର୍ବାହ ପାଇଁ ଭି□ିଭୂମି ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି । ଆଖପାଖ ଅଂଚଳର ମହିଳାମାନେ ଏହି କେନ୍ଦ୍ରରେ ସିଲାଇ ତାଲିମ୍ କାର୍ଯ୍ୟକ୍ରମରେ ନାମ ଲେଖାଇ ପାରିବେ । ଯେଉଁଠାରେ ପ୍ରତିବର୍ଷ ୬୦ ଜଣ ମହିଳାଙ୍କୁ ଦୁଇଟି ବ୍ୟାଚ୍‌ରେ ତାଲିମ୍ ଦିଆଯିବ । ପ୍ରଥମ ବ୍ୟାଚ୍‌ରେ ୩୦ଜଣ ମହିଳା ନାମ ଲେଖାଇଛନ୍ତି । ଫାଉଣ୍ଡେସନ୍ ପୋଷାକ ଉତ୍ପାଦନରେ ତାଲିମପ୍ରାପ୍ତ ମହିଳା ମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରିବ ଏବଂ ସେମାନଙ୍କ ଉତ୍ପାଦନ ସାମଗ୍ରୀ କିଭଳି ବଜାରରେ ଗ୍ରାହକ ମାନଙ୍କ ନିକଟରେ ପହଞ୍ଚି ପାରିବ ସେ ଦିଗରେ ସହାୟତା ଯୋଗାଇ ଦେବ । ଉଦ୍‌ଘାଟନୀ ସମାରୋହରେ ତାଙ୍କ ଅଭିଭାଷଣରେ ଶ୍ରୀ ବଧଦ୍ର କହିଛନ୍ତି ଜେଏସ୍‌ପି ଫାଉଣ୍ଡେସନ ଦ୍ୱାରା ଏହି ପଦକ୍ଷେପ ଆଦିବାସୀ ମହିଳା ମାନଙ୍କୁ ବହୁ ଆବଶ୍ୟକୀୟ ସୁବିଧା ଯୋଗାଇବ । ଯାହା ସେମାନଙ୍କ ପରିବାରର ଉନ୍ନତି ପାଇଁ ଆର୍ଥିକ ଦୃଷ୍ଟିରୁ ସହାୟକ ହେବ । ଏହି କାର୍ଯ୍ୟକ୍ରମ ମହିଳା ମାନଙ୍କ ଜୀବନରେ ସକରାତ୍ମକ ପରିବ□ନ ଆଣିବ । ଏହି ସ୍ଥାନରେ ସିଲାଇ ତାଲିମ୍ ଓ ଉତ୍ପାଦନ କେନ୍ଦ୍ର ଆରମ୍ଭ କରିଥିବାରୁ ଆମେ ଫାଉଣ୍ଡେସନ ପ୍ରତି କୃତଜ୍ଞ । ଏହି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଉପରେ ମନ୍ତବ୍ୟ ରଖି କମ୍ପାନୀର ସଭାପତି ତତା ସିଏସ୍‌ଆର ମୁଖ୍ୟ ଏବଂ କର୍ପୋରେଟ୍ ଯୋଗାଯୋଗ ବିଭାଗ ମୁଖ୍ୟ ଓଡିଶା, ଶ୍ରୀ ପ୍ରଶାନ୍ତ ହୋତା କହିଛନ୍ତି ଆଖପାଖ ଅଂଚଳରେ ସାମଗ୍ରୀକ ବିକାଶ ଆମ କମ୍ପାନୀର ମୂଳ ବ୍ୟବସାୟୀକ ଦର୍ଶନ ଅଟେ । ଆମର ନିରନ୍ତର ପ୍ରାୟସ ଏବଂ ସୂଚିନ୍ତିତ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜର ପ୍ରତ୍ୟେକ ଅସହାୟ ବ୍ୟକ୍ତି ପାଖରେ ପହଂଚିବା ଆମର ମୂଳ ଲକ୍ଷ୍ୟ । ଏହି ସିଲାଇ ତାଲିମ୍ ଓ ଉତ୍ପାଦନ କେନ୍ଦ୍ର ହେଉଛି ଆମର ଅନେକ ପଦକ୍ଷେପ ମଧ୍ୟରୁ ଏକ ପଦକ୍ଷେପ । ଯାହା ଏହି ଅଂଚଳର ଆଦିବାସୀ ମହିଳା ମାନଙ୍କୁ ଆର୍ଥିକ ସ୍ଥିରତା ପ୍ରଦାନ କରିବ ଏବଂ ସେମାନଙ୍କର ସୁଖୀ ପାରିବାରିକ ଜୀବନ ଯାପନରେ ସହାୟକ ହେବ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each